Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ସ୍ୱାକ୍ଷର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଏସସିବି ଅଗ୍ନିକାଣ୍ଡ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି: କାରଣ ଖୋଜିବ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୭/୩ (ନି/ପ୍ର): ଏସସିବି ଅଗ୍ନିକାଣ୍ଡ ନେଇ ବିଧାନସଭାରେ ବିବୃତି ରଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ। କହିଲେ କଟକ ଏସ.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରରେ ଘଟିଥିବା ଆକସ୍ମିକ ଅଗ୍ନି ଦୁର୍ଘଟଣା ଅତି ଦୁଃଖଦାୟକ। ନିଆଁ ଲାଗିବା ମାତ୍ରେ ଟ୍ରମା କେୟାର ସେଣ୍ଟରର ପ୍ରଥମ ମହଲା ଆଇ.ସି.ୟୁ ଏବଂ ପାଖାପାଖି ୱାର୍ଡରେ ଥିବା ୨୩ ଜଣ ରୋଗୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କର୍ମଚାରୀମାନେ ସ୍ଥାନାନ୍ତର କରିଥିଲେ। ସମସ୍ତଙ୍କୁ ଅନ୍ୟ ଆଇ.ସି.ୟୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ୭ ଜଣ ରୋଗୀଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୱାର୍ଡ ଓ ଆଇ.ସି.ୟୁକୁ ସ୍ଥାନାନ୍ତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୫ ଜଣ ଗୁରୁତର ରୋଗୀଙ୍କର ଦେହାନ୍ତ ହୋଇଥିଲା। ଦେବଦୂତ ସାଜି ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ୧୧ ଜଣ ମେଡିକାଲ କର୍ମଚାରୀ ନିଆଁ ପ୍ରଭାବରେ ଆହତ ହୋଇଥିଲେ। ସେମାନଙ୍କର ଏବେ ଚିକିତ୍ସା ଚାଲିଛି। ସେମାନେ ବିପଦମୁକ୍ତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଜାଣିବା ପରେ ସୋମବାର ସକାଳ ୪ଟା ୧୭ରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରୋଗୀଙ୍କ ପରିବାରକୁ ସମବେଦନା ଏବଂ ଆଶ୍ୱସନା ଜଣାଇଥିଲେ। ସମସ୍ତ ଆହତଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସର୍ବୋନ୍ନମ ଚିକିତ୍ସା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୃତକଙ୍କ ପରିବାରକୁ ୨୫ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି। ଆହତ ରୋଗୀମାନଙ୍କୁ ଉନ୍ନତ ମାନର ଚିକିତ୍ସା କରିବାପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣା ବିଷୟରେ ଜାଣି ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଆଲୋଚନା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଦୁଃଖ ପ୍ରକାଶ କାରିବା ସହିତ ସମବେଦନା ଜଣାଇଛନ୍ତି। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ପିଏମଏନଆରଏଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ଥିବା ୨୦୧୦ଟି ଡାକ୍ତରୀ ପ୍ରତିଷ୍ଠାନର ଫାୟାର ଅଡିଟ ଅଗ୍ନିଶମ ବିଭାଗ କରିସାରିଛି। ଅଡିଟ ସମୟରେ ଯେଉଁ ସବୁ ଆବଶ୍ୟକତା ଚିହ୍ନିତ କରାଯାଇଛି ତାହାର ଭରଣା କରିବା ପାଇଁ ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ବଜେଟର ବ୍ୟବସ୍ଥା କରାଯାଇଛି। ଏସସିବି ମେଡିକାଲ କଲେଜରେ ୮୫ଟି ବିଭିନ୍ନ କୋଠା ଅଛି। ଏହି କୋଠାମାନଙ୍କରେ ଯେଉଁ ସବୁ ଅବଶ୍ୟକାତା ରହିଛି ତାହା ଚିହ୍ନଟ କରାଯାଇଛି। ପୂର୍ତ୍ତ ବିଭାଗ ଏହି ସବୁ କାର୍ଯ୍ୟକୁ ହାତକୁ ନେଇଛି। ଯେଉଁ କୋଠାରେ ଅଗ୍ନିକାଣ୍ଡ ଘଟିଲା ସେଠାରେ ରାମ୍ପ, ଲସକ୍ସର ରଙ୍ଗଫ୍ସସଭ-ଶଙ୍କସତ୍ଵଷରକ୍ସ ଏବଂ ଷଜୟକ୍ସବଭସ୍ପ ଥିଲା। ଏହି ସବୁ ବ୍ୟବସ୍ଥା ଗତ ୬ ମାସରେ କରାଯାଇଛି। ବିଜେପି ସରକାର ଦାୟିତ୍ୱ ନେଲାପରେ ହସ୍ପିଟାଲରେ ଅତ୍ୟାଧୁନିକ ଅଗ୍ନି ନିରୋଧକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଅଗ୍ନି ନିରୋଧ ଓ ନିର୍ବାପନ ପାଇଁ ସରକାର ବଜେଟରେ ପ୍ରଥମଥର ଅର୍ଥ ବରାଦ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ୩୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ୨୦୨୬-୨୭ ଆର୍ଥିକ ବର୍ଷରେ ମଧ୍ୟ ଏ ବାବଦରେ ୪୦୦ କୋଟି ଟଙ୍କା ପ୍ରବଧାନ କରାଯାଇଛି। ଗତ ସରକାରରେ ୨୪ ବର୍ଷ ମଧ୍ୟରେ ଅଗ୍ନି ନିରୋଧ ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ହୋଇନଥିଲା। ମୁଖ୍ୟମନ୍ତ୍ରୀ ଏହି ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ନ୍ୟାୟିକ ତଦନ୍ତ କରିବେ। ଏହି ତଦନ୍ତରେ ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ଏସ.ସି.ବି ର ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧର ବଡ଼ ପ୍ରଭାବ:

ପେଟ୍ରୋଲ-ଡିଜେଲ ନଥିବାରୁ ୩ ଦିନ ଅଫିସ୍ ଛୁଟି

ନୂଆଦିଲ୍ଲୀ, ୧୭।୩: ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ବିଶ୍ୱର ପ୍ରମୁଖ ତେଲ ପରିବହନ ମାର୍ଗ 'ହର୍ମୁଜ ପ୍ରଣାଳୀ' ବନ୍ଦ ହୋଇଯାଇଛି। ଏହାର ସିଧାସଳଖ ପ୍ରଭାବ ଏବେ ଶ୍ରୀଲଙ୍କା ଉପରେ ପଡ଼ିବାକୁ ଯାଉଛି। ତେଲର ଅଭାବକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେଙ୍କ ସରକାର ଦେଶରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିଛନ୍ତି। ଆସନ୍ତା ବୁଧବାର ଅର୍ଥାତ୍ ମାର୍ଚ୍ଚ ୧୮ ତାରିଖଠାରୁ ପ୍ରତି ସପ୍ତାହର ବୁଧବାର ଦିନକୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି। ଫଳରେ ସରକାରୀ କର୍ମଚାରୀମାନେ ସପ୍ତାହକୁ ମାତ୍ର ୪ ଦିନ କାମ କରିବେ। ଏଥିସହ ସମସ୍ତ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ମଧ୍ୟ ବୁଧବାର ଦିନ ବନ୍ଦ ରହିବ। ସରକାରୀ କର୍ମଚାରୀମାନଙ୍କୁ ସମ୍ଭବ ହେଲେ ଘରୁ କାମ କରିବାକୁ ପରାମର୍ଶ ଦିଆଯାଇଛି। ଘରୋଇ ସଂସ୍ଥାଗୁଡ଼ିକୁ ମଧ୍ୟ ଏହି ନିୟମ ପାଳନ କରିବାକୁ ଅନୁରୋଧ କରାଯାଇଛି। ଡାକ୍ତରଖାନା, ବନ୍ଦର ଏବଂ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ପୂର୍ବଭଳି ଜାରି ରହିବ। ଶ୍ରୀଲଙ୍କା ସରକାର ପୁଣିଥରେ ଛକ କୋଡ୍ ମାଧ୍ୟମରେ ତେଲ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମାର୍ଚ୍ଚ ୧୫ରୁ ଲାଗୁ ହୋଇଥିବା ନିୟମ ଅନୁସାରେ, ସାଧାରଣ ଗାଡ଼ି ଚାଳକଙ୍କ ପାଇଁ ସପ୍ତାହକୁ ସର୍ବାଧିକ ୧୫ ଲିଟର ପେଟ୍ରୋଲ କିମ୍ବା ଡିଜେଲ ସୀମିତ କରାଯାଇଛି। ସାର୍ବଜନୀନ ପରିବହନ ପାଇଁ ୨୦୦ ଲିଟର ପର୍ଯ୍ୟନ୍ତ କୋଟା ରଖାଯାଇଛି। 'ଆମକୁ ସବୁଠାରୁ ଖରାପ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ହେବ, କିନ୍ତୁ ଆମେ ଭଲ ସମୟ ପାଇଁ ଆଶା ରଖିଛୁ,' ବୋଲି ରାଷ୍ଟ୍ରପତି ଦିସାନାୟକେ ଅଧିକାରୀମାନଙ୍କୁ କହିଛନ୍ତି। ଏହି ନୂତନ କଟକଣା ଶ୍ରୀଲଙ୍କାବାସୀଙ୍କୁ ୨୦୨୨ର ସେହି ଭୟଙ୍କର ଆର୍ଥିକ ସଙ୍କଟ କଥା ମନେ ପକାଇ ଦେଇଛି, ଯେତେବେଳେ ଦେଶରେ ତେଲ ଓ ଖାଦ୍ୟ ପାଇଁ ହାହାକାର ପଡ଼ିଥିଲା। ଯଦିଓ ବର୍ତ୍ତମାନ ସ୍ଥିତି ସେତେଟା ଗମ୍ଭୀର ନୁହେଁ, ତଥାପି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସରକାର ଏହି ନିଷ୍ପତି ନେଇଛନ୍ତି।

ବିହାରରେ ପୋଛିନେଲା ଏନ୍‌ଡିଏ

ନୂଆଦିଲ୍ଲୀ, ୧୭/୩: ଏପ୍ରିଲରେ ଖାଲି ହେବାକୁ ଥିବା ୧୦ ରାଜ୍ୟର ୩୭ଟି ରାଜ୍ୟସଭା ଆସନ ମଧ୍ୟରୁ ୧୧ଟି ଆସନ ପାଇଁ ଆଜି ୩ଟି ରାଜ୍ୟରେ ମତଦାନ ହୋଇଛି। ୧୧ଟି ଆସନ ମଧ୍ୟରୁ ବିହାରର ୫ଟି, ଓଡ଼ିଶାର ୪ଟି ଓ ହରିୟାଣାର ୨ଟି ଆସନ ରହିଛି। ସାରା ଦେଶର ନଜର ଥିବା ବିହାର ରାଜ୍ୟସଭା ନିର୍ବାଚନରେ ବିଜେପି ଓ ଏନ୍‌ଡିଏ ବାଜିମାତ୍ କରିଛନ୍ତି। ଏନ୍‌ଡିଏ ସମସ୍ତ ୫ଟି ଯାକ ଆସନରେ ବିଜୟୀ ହୋଇଛି। ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ବିଜେପି ଜାତୀୟ ସଭାପତି ନିତିନ ନବୀନ ଅଛନ୍ତି। ଅନ୍ୟ ବିଜେତାମାନେ ହେଲେ ରାମନାଥ ଠାକୁର, ଶିବେଶ ରାମ ଓ ଉପେନ୍ଦ୍ର କୁଶୱାହ (ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ମୁଖ୍ୟ)। ବିହାରରେ ଏନ୍‌ଡିଏର ସମସ୍ତ ୨୦୨ ବିଧାୟକ ମତଦାନ କରିଛନ୍ତି। କିନ୍ତୁ ମହାମେଣ୍ଟର ୪ ସଦସ୍ୟ ମତଦାନ ନ କରିବାରୁ ସେମାନଙ୍କ ପ୍ରାର୍ଥୀ ହାରି ଯାଇଛନ୍ତି। ମହାମେଣ୍ଟର ୪ ଜଣ ବିଧାୟକ ଅନୁପସ୍ଥିତ ରହିବା ପ୍ରସଙ୍ଗରେ କଂଗ୍ରେସର ବିହାର ମୁଖ୍ୟ ରାଜେଶ ରାମ ଅଭିଯୋଗ କରିଛନ୍ତି ଯେ, ବିଜେପି ସେମାନଙ୍କ ବିଧାୟକଙ୍କୁ ଚୋରି କରିନେଇଛି। ୩ ବିଧାୟକଙ୍କ ଫୋନ ଗତ ୧୩ ତାରିଖରୁ ଲାଗୁ ନ ଥିବା କୁହାଯାଇଛି। ଭୋଟଦାନରୁ ବିରତ ଥିବା ଆରଜେଡି ବିଧାୟକ ଫୌଜଲ ରହମାନ କହିଛନ୍ତି, ତାଙ୍କ ମା ଅସୁସ୍ଥ ହୋଇ ଦିଲ୍ଲୀରେ ଚିକିତ୍ସିତ ହେଉଛନ୍ତି। ସେଥିପାଇଁ ସେ ମତଦାନ କରିପାରିନାହାନ୍ତି। ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣ ପ୍ରାର୍ଥୀ ଥିଲେ। ସେମାନଙ୍କ ମଧ୍ୟରୁ ବିଜେପିର ୨, ବିଜେଡିର ଜଣେ ଓ ଜଣେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ବିଜେଡି ଓ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ମିଳିତ ପାର୍ଥୀ ପରାଜିତ ହୋଇଛନ୍ତି। ହରିୟାଣାରେ ଦୁଇଟି ଆସନ ପାଇଁ ୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେଠାରେ ଭୋଟରଙ୍କ ବୈଧତା ଓ ଗୋପନୀୟତା ପ୍ରସଙ୍ଗରେ ପ୍ରଶ୍ନ ଉଠାଯିବାରୁ ଉଭୟ ମତଦାନ ଓ ଗଣତି ବିଳମ୍ବ ହୋଇଛି। କଂଗ୍ରେସର ୨ ବିଧାୟକଙ୍କ ଭୋଟ ଉପରେ ବିଜେପି ନେତା ଗୌରବ ଗୌତମ ଓ କିଷାନ ବେଦୀ ପ୍ରଶ୍ନ ଉଠାଇବାରୁ ଏଭଳି ସ୍ଥିତି ଦେଖାଦେଇଥିଲା। ମତଦାନ ସମୟରେ ଗୋପନୀୟତା ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ହରିୟାଣା ମନ୍ତ୍ରୀ ଅନିଲ ବିଜ୍‌ଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଛି। ଏହି ପ୍ରସଙ୍ଗରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନିର୍ବାଚନ କମିସନକୁ ଏକ ଚିଠି ଲେଖି ତୁରନ୍ତ ସାକ୍ଷାତ୍ କରି ଆଲୋଚନା ପାଇଁ ଦାବି କରିଛନ୍ତି। ବରିଷ୍ଠ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଦଳର ପ୍ରତିନିଧି ମଣ୍ଡଳୀ ଭେଟିବେ ବୋଲି କୁହାଯାଇଛି। ହରିୟାଣାରେ ମୋଟ ୯୦ ବିଧାୟକଙ୍କ ମଧ୍ୟରୁ ୮୮ ଜଣ ଭୋଟ ଦେଇଛନ୍ତି। ଆଇଏନ୍‌ଏଲ୍‌ଡି ନିର୍ବାଚନରେ ଭାଗ ନେଇନାହିଁ। ଏହାର ୨ ବିଧାୟକ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ୧୦ ରାଜ୍ୟର ୩୭ଟି ରାଜ୍ୟସଭା ଆସନ ମଧ୍ୟରୁ ମହାରାଷ୍ଟ୍ରର ୭ଟି, ତାମିଲନାଡୁର ୬ଟି, ପଶ୍ଚିମବଙ୍ଗ ଓ ବିହାରର ୫ଟି ଲେଖାଏଁ, ଓଡ଼ିଶାର ୪ଟି, ଆସାମର ୩ଟି, ହରିୟାଣା, ତେଲେଙ୍ଗାନା, ଛତିଶଗଡ଼ର ୨ଟି ଲେଖାଏଁ ଏବଂ ହିମାଚଳପ୍ରଦେଶର ଗୋଟିଏ ଆସନ ପାଇଁ ନିର୍ବାଚନ କମିସନ ଫେବ୍ରୁଆରି ୨୬ ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ। ନାମାଙ୍କନ ଦାଖଲର ଶେଷ ତାରିଖ ମାର୍ଚ୍ଚ ୫, ମାର୍ଚ୍ଚ ୬ରେ ପ୍ରାର୍ଥିପତ୍ର ଯାଂଚ।

ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବଡ଼ ପରିବର୍ତ୍ତନ

ହଟିଲେ ମୁଖ୍ୟ ସଚିବ ଓ ପୁଲିସ ଡିଜି ସମେତ ୬ ବରିଷ୍ଠ ଅଧିକାରୀ

କୋଲକାତା, ୧୭/୩: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ରବିବାର ତାରିଖ ଘୋଷଣା ହେବା ପରେ ନିର୍ବାଚନ ଆୟୋଗ ରାଜ୍ୟର ମୁଖ୍ୟ ସଚିବଙ୍କ ସମେତ ୬ ଜଣ ବରିଷ୍ଠ ଅଧିକାରୀଙ୍କୁ ବଦଳି କରିଛନ୍ତି। ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ପଦରୁ ହଟାଯାଇଛି। ତାଙ୍କ ସ୍ଥାନରେ ୧୯୯୩ ବ୍ୟାଚର ଆଇଏଏସ୍ ଦୁଷ୍ୟନ୍ତ ନାରିୟାଲା ନୂଆ ମୁଖ୍ୟ ସଚିବ ନିଯୁକ୍ତ ହୋଇଛନ୍ତି। ଗୃହ ସଚିବ ଜଗଦୀଶ ପ୍ରସାଦ ମୀଣାଙ୍କର ମଧ୍ୟ ବଦଳି ହୋଇଛି। ତାଙ୍କ ସ୍ଥାନରେ ୧୯୯୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସଂଘମିତ୍ରା ଘୋଷ ଗୃହ ସଚିବ ହୋଇଛନ୍ତି। ଏଥିସହ ପୁଲିସ ବିଭାଗରେ ମଧ୍ୟ ବଡ଼ ପରିବର୍ତ୍ତନ କରାଯାଇଛି। ପୀୟୂଷ ପାଣ୍ଡେଙ୍କ ସ୍ଥାନରେ ସିଦ୍ଧନାଥ ଗୁପ୍ତାଙ୍କୁ ଡିଜିପି କରାଯାଇଛି। ସୁପ୍ରତିମ ସରକାରଙ୍କ ସ୍ଥାନରେ ଅଜୟ କୁମାର ନନ୍ଦ କୋଲକାତା ପୁଲିସ କମିଶନର ପଦରେ ଅବସ୍ଥାପିତ ହୋଇଛନ୍ତି। ନଟରାଜନ ରମେଶ ବାବୁଙ୍କୁ ସୁଧାର ସେବା ମହାନିର୍ଦ୍ଦେଶକ କରାଯାଇଛି। ଅଜୟ ମୁକୁନ୍ଦ ରାଣାଡେଙ୍କୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଏବଂ ଆଇଜିପି(ଆଇନଶୃଙ୍ଖଳା)ର ପଦ ମିଳିଛି। ନିର୍ବାଚନ ଆୟୋଗଙ୍କ ଅନୁସାରେ, ଏହି ନିର୍ଦ୍ଦେଶ ତତ୍କାଳ ଲାଗୁ ହେବ। ଯେଉଁ ଅଧିକାରୀମାନଙ୍କୁ ବଦଳି କରାଯାଇଛି ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ଯାଏ ନିର୍ବାଚନ ସହ ଜଡ଼ିତ କୌଣସି ପଦରେ ମୁତୟନ କରାଯିବ ନାହିଁ।

କାନ୍ଥ ଭାଙ୍ଗିଲା ହାତୀ: ୨ ବର୍ଷର ଶିଶୁ ମୃତ

ବାଲେଶ୍ୱର, ୧୭/୩(ନି/ପ୍ର): ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା କେନ୍ଦୁଖୁଟାଂ ଗାଁରେ ଅଭାବନୀୟ ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତିରେ ରାଇବଣିଆ ଆଖପାଖ ଜଙ୍ଗଲରେ ୩୦ଟିକିଆ ହାତୀପଲ ଦୀର୍ଘ ଦିନ ଧରି ରହିଛନ୍ତି। ଦିନ ସମୟରେ ଜଙ୍ଗଲରେ ରହୁଥିବାବେଳେ ରାତିରେ ଗାଁରେ ପଶି ଉପଦ୍ରବ କରୁଛନ୍ତି। ଗତକାଲି ରାତିରେ କେନ୍ଦୁଖୁଟାଂ ଗାଁର ଉଦ୍ଧବ ମାରାଣ୍ଡିଙ୍କ ଘର ଭାଙ୍ଗି ଦେଇଛନ୍ତି ହାତୀପଲ। ଫଳରେ କାନ୍ଥ ତଳେ ଚାପି ହୋଇ ଉଦ୍ଧବଙ୍କ ୨ ବର୍ଷର ପୁଅ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ତୁରନ୍ତ ହାତୀଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖବର ପାଇ ବନବିଭାଗ କର୍ମଚାରୀ ପହଂଚି ହାତୀମାନଙ୍କୁ ଘଉଡାଇଛି।

ବୋମା ବିସ୍ଫୋରଣରେ ଯୁବକ ଗୁରୁତର

ପିପିଲି, ୧୭/୩: ବୋମା ଭିଡୁଥିବା ସମୟରେ ବିସ୍ଫୋରଣ ଘଟି ଯୁବକ ଗୁରୁତର। ଘଟଣାଟି ପିପିଲି ଡେଲାଙ୍ଗ ଥାନା ଅଂଚଳରେ ଘଟିଛି। ଡେଲାଙ୍ଗା ଥାନା ନିକଟରେ ଥିବା ଏକ ଜଙ୍ଗଲରେ ବୋମା ଭିଡୁଥିବା ବେଳେ ଏହି ଅଘଟଣ ଘଟିଛି। ସୂଚନା ଯୋଗ୍ୟ ବିସ୍ଫୋରଣରେ ଯୁବକଙ୍କ ହାତ ପାପୁଲି ଛିଡି ଯାଇଛି। ଯୁବକଜଣଙ୍କ ଗୁରୁତର ହେବାରୁ ଡେଲାଙ୍ଗରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ଡେଲାଙ୍ଗ କୁଆପଦା ଅଂଚଳର ବୋଲି ସୂଚନା ମିଳିଛି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ନବୀନ

ଭୁବନେଶ୍ୱର, ୧୭/୩(ନି/ପ୍ର): ଏସସିବି ମେଡିକାଲର ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି, ଆମ ସରକାରରେ ଏକ ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଘଟଣାରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ। ତେଣୁ ଆଜିର ଏହି ଘଟଣା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ନବୀନ ଦାବି କରିଛନ୍ତି। ସେପଟେ ବିଧାନସଭାରେ ଏସସିବି ଅଗ୍ନିକାଣ୍ଡ ଘଟଣା ପ୍ରସଙ୍ଗ ଉଠାଇଥିଲେ ବିରୋଧୀ। ପ୍ରବଳ ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ଗୃହକୁ ଦିନ ୪ଟା ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ। ଆଜି ଗୃହରେ ବିଭିନ୍ନ ବିଭାଗର ପ୍ରଶ୍ନକାଳ ରହିଥିଲା। କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ୬ ଜଣିଆ ଟିମ୍ ଗଠନ କରାଯାଇଛି। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା, ସେ ନେଇ ଏହି ଟିମ୍ ତଦନ୍ତ କରିବ। ଅଗ୍ନିଶମ ଆଇଜି, ଇଆଇସି, ସହରାଚଳ ଜନସ୍ୱାସ୍ଥ୍ୟ ବିଭାଗ ଇଆଇସି -ଚିଫ୍ ଇଞ୍ଜିନିୟର ବିଲ୍ଡିଂ, ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇଛନ୍ତି। କମିଟି ଏସସିବି ମେଡିକାଲ ପରିଦର୍ଶନ କରି ସଂଧ୍ୟା ସୁଦ୍ଧା ମୁଖ୍ୟ ସଚିବଙ୍କୁ ରିପୋର୍ଟ ଦେବ।

ମାର୍ଚ୍ଚ ୩୧ ପରେ ବଢ଼ିପାରେ ପେଟ୍ରୋଲ-ଡିଜେଲ ଦର !

୧୩୬ ଡଲାର ଟପିଲା ଅଶୋଧିତ ତେଲ



ନୂଆଦିଲ୍ଲୀ, ୧୭/୩: ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ଭାରତୀୟ ଅର୍ଥନୀତିପାଇଁ ବଡ଼ ସଙ୍କଟ ସୃଷ୍ଟି କରିଛି। ହର୍ମୁଜ୍ ପ୍ରଣାଳୀରେ ଅବରୋଧ ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହେବାରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ପ୍ରବଳ ବୃଦ୍ଧି ଘଟିଛି। ଶୁକ୍ରବାର ଭାରତୀୟ ଅଶୋଧିତ ତୈଳ ବାସ୍କେଟର ମୂଲ୍ୟ ବ୍ୟାରେଲ ପିଛା ୧୩୬.୫୬ ଡଲାରରେ ପହଂଚିଛି, ଯାହା ଯୁଦ୍ଧ ପୂର୍ବରୁ ମାତ୍ର ୭୦.୯ ଡଲାର ଥିଲା। ବର୍ତ୍ତମାନ ପାଇଁ ତୈଳ କମ୍ପାନୀଗୁଡ଼ିକ ଖୁଚୁରା ମୂଲ୍ୟ ସ୍ଥିର ରଖିଥିଲେ ହେଁ, ମାର୍ଚ୍ଚ ୩୧ ପରେ ସ୍ଥିତି ବଦଳିବା ଆଶା କରାଯାଉଛି। ବିଶେଷଜ୍ଞଙ୍କ ଅନୁସାରେ, ୪ଟି ରାଜ୍ୟରେ ନିର୍ବାଚନ ଚାଲିଥିବାରୁ ଏପ୍ରିଲ ୨୯ ପର୍ଯ୍ୟନ୍ତ ସରକାର ଦର ବୃଦ୍ଧି ଉପରେ ରୋକ୍ ଲଗାଇ ପାରନ୍ତି, କିନ୍ତୁ ଏହା ପରେ ସାଧାରଣ ଜନତାଙ୍କ ଉପରେ ତୈଳ ଦର ବୃଦ୍ଧିର ବୋଝ ପଡ଼ିବା ନିଶ୍ଚିତ। ଇରାନର ସାମୁଦ୍ରିକ ପଥ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତର ୬୦% ଇନ୍ଧନ ଆସିଥାଏ। ଏହି ପଥ ଅବରୋଧ ହେବା ଫଳରେ କେବଳ ଆରବ ଦେଶ ନୁହେଁ, ବରଂ ରୁଷରୁ ଆସୁଥିବା "ୟୁରାଲ ଅଶୋଧିତ" ତେଲ ମଧ୍ୟ ୫୦% ମହଙ୍ଗା ହୋଇଛି। ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ବଜାରରେ ଅସ୍ଥିରତା ଲାଗିରହିବ ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ସୂଚନା ଦେଇଛି।

ବିଶ୍ୱ ଶାନ୍ତି ପାଇଁ ଇରାନକୁ ପଙ୍ଗୁ କରିବା ଜରୁରୀ ଥିଲା:

ଆମେରିକାର ଆକ୍ରମଣକୁ ଯଥାର୍ଥ ଦର୍ଶାଇଲେ ଟ୍ରମ୍ପ

ୱାଶିଂଟନ, ୧୭/୩: ଇରାନ ଉପରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ଆକ୍ରମଣ ବିଶ୍ୱ ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ଥିଲା ଏବଂ ଏହା ଦ୍ୱାରା ଇରାନର ସାମରିକ ଶକ୍ତି ପଙ୍ଗୁ ହୋଇଯାଇଛି ବୋଲି ସେ ଦାବି କରିଛନ୍ତି। ମଙ୍ଗଳବାର ଏକ ବିବୃତି ଜାରି କରି ଟ୍ରମ୍ପ କହିଛନ୍ତି ଯେ, ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଯଦି ଇରାନ ପାଖରେ ପରମାଣୁ ଅସ୍ତ୍ର ଥାଆନ୍ତା, ତେବେ ସେମାନେ ଏହାକୁ ଅଳ୍ପ ସମୟ ମଧ୍ୟରେ ବ୍ୟବହାର କରି ସମଗ୍ର ମଧ୍ୟ ଏସିଆକୁ ଧ୍ୱଂସ କରିଦେଇଥାନ୍ତେ। ଇରାନ ସରକାର ନିଜ ଦେଶରେ ୩୨ ହଜାର ପ୍ରଦର୍ଶନକାରୀଙ୍କୁ ହତ୍ୟା କରି ବଡ଼ ଅପରାଧ କରିଛନ୍ତି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ହାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ କହିଛନ୍ତି ଯେ, ଇରାନକୁ ନିରସ୍ତ୍ର କରିବା ଦ୍ୱାରା କେବଳ ଆମେରିକା ନୁହେଁ, ବରଂ ସମଗ୍ର ପାଶ୍ଚାତ୍ୟ ଜଗତ ଲାଭବାନ ହେବ। ହର୍ମୁଜ୍ ପ୍ରଣାଳୀକୁ ସୁରକ୍ଷିତ ଓ ଖୋଲା ରଖିବା ପାଇଁ ଚୀନ୍, ଫ୍ରାନ୍ସ, ଜାପାନ ଓ ବ୍ରିଟେନ ଭଳି ଦେଶଗୁଡ଼ିକ ଏହି ଅଂଚଳକୁ ନିଜର ଯୁଦ୍ଧଜାହାଜ ପଠାନ୍ତୁ ବୋଲି ଟ୍ରମ୍ପ ଆଶା ପ୍ରକାଶ କରିଛନ୍ତି। ଏହି ସଙ୍କଟ ସମୟରେ ଯଦି ମିତ୍ର ଶକ୍ତିମାନେ ସହଯୋଗ ନକରନ୍ତି, ତେବେ ଏହା ''ନାଟୋ''ର ଭବିଷ୍ୟତ ପାଇଁ ଅତ୍ୟନ୍ତ ଖରାପ ହେବ ବୋଲି ଟ୍ରମ୍ପ ଚେତାବନୀ ମଧ୍ୟ ଦେଇଛନ୍ତି। ଅନ୍ୟପଟେ, ୟୁରୋପୀୟ ସଂଘର ବୈଦେଶିକ ମନ୍ତ୍ରୀମାନେ ଏହି ପ୍ରସଙ୍ଗରେ ମନ୍ଥନ ଆରମ୍ଭ କରିଛନ୍ତି। ଆମେରିକା ଓ ଇସ୍ରାଏଲର ପ୍ରକୃତ ସାମରିକ ଉଦ୍ଦେଶ୍ୟ କ'ଣ, ସେ ନେଇ ଜର୍ମାନୀ ଅଧିକ ସ୍ପଷ୍ଟତା ଲୋଡ଼ିଛି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

ଗ୍ୟାସ ଯୋଗାଣରେ ବାଧାପ୍ରାପ୍ତ ଯୋଗୁଁ ଯୁବ କଂଗ୍ରେସର ବିକ୍ଷୋଭ ଓ ପ୍ରତିବାଦ

କେନ୍ଦୁଝର,୧୭/୩(ନି/ପ୍ର): ଦେଶରେ ମଧ୍ୟ ଯୁଦ୍ଧ ପ୍ରଭାବରେ ଏଲପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି କ୍ଷ ଗ୍ୟାସ ଦର ବୃଦ୍ଧି ହେବା ସହିତ ଉପଭୋକ୍ତାଙ୍କ ପାଖରେ ଗ୍ୟାସ ପହଂଚି ପାରୁନାହିଁ । ଗ୍ୟାସକୁ ବର୍ତ୍ତମାନ କଳାବଜାରୀ ମାନେ ଚଢ଼ା ଦରରେ ବିକ୍ରି କରୁଛନ୍ତି । ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିଷ୍କ୍ରିୟ ରହିବାରୁ ଜନ ଅସନ୍ତୋଷ ଲାଗି ରହିଛି । ଏହି ବାବଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ପୂର୍ଣ୍ଣ ନିରବ ଅଛନ୍ତି । ଆଜି ସ୍ଥାନୀୟ କଂଗ୍ରେସ ଭବନରୁ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧୀ ସ୍ଲୋଗାନ ଦେବା ସହିତ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ । ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶ ପୁତ୍ତଳିକା ଜାଳିଥିଲେ । ଏଥିରେ ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଓ ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ତେଲକୋଇ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ଚମ୍ପୁଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗନ ଗିରିପ୍ରିୟା ସାହୁ, ଘସିପୁରା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦୀପକ ମାଝୀ, ପାଟଣା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ଜିଲ୍ଲା କଂଗ୍ରେସ ସମ୍ପାଦକ ଦୀନେଶ ରାଉତ, କଂଗ୍ରେସ ନେତା ପ୍ରଦୀପ କୁମାର ଦାସ, ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଆନନ୍ଦ ମାଝୀ, ବାବୁନ ରାଉତ, ଅମିତ କୁମାର ରାଉତ, ବ୍ୟସଦେବ ବେହେରା, ମାନସ ବେହେରା, ସଂଗ୍ରାମ ବେହେରା, ରାଜୁ ଖାନ, ଅଭିନାଶ ଓଝା, ବାଦଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଶିତତାପ ନିୟନ୍ତ୍ରିତ ମହାଯାତ୍ରା ଗାଡି ଉଦ୍‌ଘାଟିତ

କେନ୍ଦୁଝର,୧୭/୩(ନି/ପ୍ର): କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ଲୋକଙ୍କ ପାଇଁ ପୂର୍ବରୁ ଦୁଇଟି ମହାଯାତ୍ରା ଗାଡି ଆନନ୍ଦପୁର ଓ କେନ୍ଦୁଝର ପାଇଁ ପ୍ରଦାନ କରାଯିବା ପରେ ଆଜି ଏକ ଶିତତାପ ନିୟନ୍ତ୍ରିତ ମହାଯାତ୍ରା ଗାଡି ପ୍ରଦାନ କରାଯାଇଛି । ଲୋକମାନେ ମହାଯାତ୍ରା ଗାଡିର ଅଭାବ ଯୋଗୁଁ ବହୁ ସମୟ ରେ ସମସ୍ୟା ରେ ପଡିଥାନ୍ତି, ପୁରୀ ସ୍ୱର୍ଗ ଦ୍ୱାର ତଥା ଦୂର ଦୁରାନ୍ତ କୁ ଶବ ନେବା ପାଇଁ ହେଲେ ପ୍ରବଳ ଗରମ ରେ ଲୋକମାନେ ବହୁ ଅସୁବିଧା ର ସଂମୁଖୀନ ହୋଇଥାନ୍ତି । ଏଥିପାଇଁ ଆଜି ଜିଲା ଟ୍ରକ ମାଲିକ ସଂଘ ଅଫିସ ଆଗରେ ସଂଘର ସଭାପତି ପଦ୍ମଲୋଚନ ସାହୁ ଓ ସାଧାରଣ ସମ୍ପାଦକ ପ୍ରଦୀପ ବାରିକ ଶିତତାପ ନିୟନ୍ତ୍ରିତ ମହାଯାତ୍ରା ଗାଡିକୁ ଲୋକଙ୍କ ପାଇଁ ଆଜି ଉଦ୍ଘାଟନ କରି ପ୍ରଦାନ କରିଛନ୍ତି । ଜିଲା ଟ୍ରକ ମାଲିକ ସଂଘ ସ୍ୱାସ୍ଥ ସେବା କ୍ଷେତ୍ରରେ କେନ୍ଦୁଝର, ଆନନ୍ଦପୁର ଓ ଜଗମୋହନ ପୁର ପାଇଁ ଚାରୋଟି ଆମ୍ବୁଲାନ୍ସ ପ୍ରଦାନ କରିଥିବା ବେଳେ, ମୁଖ୍ୟମନ୍ତ୍ରୀ ଙ୍କୁ ଦୁଇଟି ଆମ୍ବୁଲାନ୍ସ ପ୍ରଦାନ କରିଥିଲେ । ବିଭିନ୍ନ ମେଡିକାଲରେ ସ୍ୱତନ୍ତ୍ର କ୍ୟାବିନ ବ୍ୟବସ୍ଥା ସହ ଲୋକଙ୍କ ପାଇଁ ବିଭିନ୍ନ ଯାଗାରେ ପିଇବା ପାଣିର ବ୍ୟବସ୍ଥା ଓ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଆଣିବା ପାଇଁ ଏକ କ୍ରେନର ବ୍ୟବସ୍ଥା କରାଯାଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦେଇଛନ୍ତି ।

ଭିବିଜି ରାମ ଜୀ ଯୋଜନା ଓ ସମ୍ବର୍ଦ୍ଧନା ସଭା

କେନ୍ଦୁଝର,୧୭/୩(ନି/ପ୍ର): ଭାରତୀୟ ଜନତା ପାର୍ଟିର ନରଣପୁର ମଣ୍ଡଳ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ଭିବିଜି ରାମ ଜୀ ଯୋଜନା ଓ ସମ୍ବଦ୍ଧନା ସଭା ଆୟୋଜିତ ହୋଇଥିଲା । ମଣ୍ଡଳ ସଭାପତି ରତି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଦଳୀୟ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହାନ୍ତି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ନଗର ପ୍ରଭାରୀ ଦିଲ୍ଲିପ କୁମାର ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ପୂର୍ବତନ ମଣ୍ଡଳ ସଭାପତି ବେଣୁଧର ମହାନ୍ତି, ରୁପେଶ ମହାନ୍ତି, ଯୁଧିଷ୍ଟିର ମହାନ୍ତି, ରଞ୍ଜନ ପଣ୍ଡା ଓ ଦେବବ୍ରତ ଗିରି ଉପସ୍ଥିତ ଥିଲେ । ସଭାରେ ଭିବିଜି ରାମ ଜୀ ଯୋଜନା ଅନୁସାରେ ଲୋକମାନେ ୧୦୦ ଦିନର କାମ ପରିବର୍ତ୍ତେ ୧୨୫ ଦିନର କାମ ପାଇବା ସହିତ ୭ ଦିନ ମଧ୍ୟରେ କିପରି ମଜୁରୀ ପାଇପାରିବେ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହ ଦଳର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଅଧିକ ପୁରୁଷ ଓ ମହିଳା କର୍ମୀ ଯୋଗଦେଇଥିଲେ ।

ବିଦେଶୀ ମଦ-ପିକ୍‌ଅପ୍ ଭ୍ୟାନ୍ ଜବତ, ୧ ଗିରଫ

ହାଟଡିହି,୧୭/୩(ନି/ପ୍ର): କେନ୍ଦୁଝରଜିଲ୍ଲା ନନ୍ଦିପଦା ପୁଲିସକୁ ମିଳିଛି ବଡ଼ ସଫଳତା । ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ଚୋରା ମଦ ବ୍ୟବସାୟ କରୁଥିବା ସଞ୍ଜୟ ଧଳ, ପି. ବ୍ରହ୍ମାନନ୍ଦ ଧଳ ନିକଟରୁ ପୁଲିସ ବିପୁଳ ପରିମାଣର ବିଦେଶୀ ମଦ ଜବଦ କରିବାରେ ସଫଳ ହୋଇଛି । ସୂଚନାରୁ ଜଣାଯାଇଛି ଯେ ଟୁକୁଣା ଗ୍ରାମର ସଞ୍ଜୟ ଧଳ ଅନେକ ଦିନ ହେଲା ଟୁକୁଣାରେ ଚୋରା ମଦ ବ୍ୟବସାୟ କରୁଥିଲେ । ଏପରିକି ଗତ ୨ତାରିଖ ଦିନ ସଞ୍ଜୟ ମଦବିକ୍ରୀ ବେଳେ ଧରାପଡ଼ି ଜେଲ୍ ଯାଇଥିଲା । ଆଜି ଅପରାହ୍ନରେ ନନ୍ଦିପଦା ଥାନା ଏସ ଆଇ ସୋଲିନା ନାୟକ ପେଟ୍ରୋଲିଙ୍ଗ କରୁଥିବା ବେଳେ ଟୁକୁଣା ନିକଟରେ ଯାଉଥିବା ଏକ ପିକଅପ ଭ୍ୟାନକୁ ସନ୍ଦେହ କରି ଅଟକାଇବାରୁ ଚାଳକ ଗାଡି ଥୋଇଦେଇ ଦୌଡ଼ି ପଳାଇଥିଲା । ପୁଲିସ ଯାଚଂ କରିବା ବେଳେ ତା ଭିତରୁ ବିପୁଳ ପରିମାଣର ବିଦେଶୀ ମଦ ରହିଥିବା ଦେଖିବାକୁ ପାଇଥିଲା । ଏହି ଘଟଣାରେ ପୁଲିସ ମଦ ବ୍ୟବସାୟୀ ସଞ୍ଜୟକୁ ଗିରଫ କରିଛି । ଗାଡି ଭିତରୁ ମୋଟ ୪୦୮ ପିସ ବିଦେଶୀ ମଦ ଜବଦ ହୋଇଥିବା ଥାନା ଆଇ ଆଇ ସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି । ସଞ୍ଜୟ ଏହି ମଦ କେଉଁଠାରୁ ଆଣୁଥିଲେ ତାହା ତଦନ୍ତ ଚାଲିଛି ବୋଲି କହିଛନ୍ତି । ପିକଅପ ଭ୍ୟାନ ଟିକୁ ମଧ ପୋଲିସ ଜବଦ କରିଛି ।



ଘଷିପୁରା ବ୍ଲକ ଆଳତୀ ସରସ୍ୱତୀ ଶିଶୁ ମନ୍ଦିରର ନୂତନ ପରିଚାଳନା ସମିତି ଗଠନ

ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, କେନ୍ଦୁଝର ଶାଖା ପକ୍ଷରୁ ବର୍ଷ ପ୍ରତିପଦା ଉତ୍ସବ

କେନ୍ଦୁଝର, ୧୭/୩(ନି/ପ୍ର) ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, କେନ୍ଦୁଝର ଶାଖା ପକ୍ଷରୁ କେନ୍ଦୁଝର ଜିଲ୍ଲା ନଗର ଭବନ ଠାରେ ବର୍ଷ ପ୍ରତିପଦା (ଚୈତ୍ର ଶୁକ୍ଳ ପ୍ରତିପଦା) ଉତ୍ସବ ଆୟୋଜିତ ହୋଇଯାଇଛି । ଏଥିରେ ନାରାୟଣ ନାୟକ, ସଂଗଠନ ମନ୍ତ୍ରୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସଂସ୍କୃତିର ଗାରିମା ସଂପର୍କରେ ଆଲୋଚନା କରିଥିଲେ । ଡ. ସନ୍ତୋଷ କୁମାର ମହାପାତ୍ର, ସାଧାରଣ ସମ୍ପାଦକ, ଅଖିଳ ଭାରତୀୟ ସାହିତ ପରିଷଦ, ଓଡ଼ିଶା ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଓଡ଼ିଆ ସଂସ୍କୃତି ତଥା ଓଡ଼ିଆ ଭାଷା ପ୍ରତି ଆନ୍ତରିକତା ରଖିବାକୁ ଆହ୍ୱାନ ଦେଇଥିଲେ । ସତ୍ୟଜିତ ନାୟକ, ସମ୍ପାଦକ, ଅଖିଳ ଭାରତୀୟ ସାହିତ ପରିଷଦ, ଓଡ଼ିଶା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥି ସହିତ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେନ୍ଦୁଝର ଶାଖା ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ହେତୁ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରକାଶନ କ୍ଷେତ୍ରରେ ଡ଼. ସୌମ୍ୟଜିତ୍ ପଣ୍ଡା, ଉତ୍କୃଷ୍ଟ ସାହିତ୍ୟ ସର୍ଜନା କ୍ଷେତ୍ରରେ ରୋଜାଲିନ୍ ମହାନ୍ତି, ସାହିତ୍ୟ ଗବେଷଣା କ୍ଷେତ୍ରରେ ଡ଼. ଡମ୍ବରୁଧର ମହାନ୍ତ, ସମାଜସେବା କ୍ଷେତ୍ରରେ ଯଶସ୍ୱିନୀ ବଳ ଓ ଆଜୀବନ ସାଧନା କ୍ଷେତ୍ରରେ ପ୍ରସନ୍ନ କୁମାର ପତିଙ୍କୁ ସମ୍ମାନିତ କରାଯାଇଥିଲା । ମଂଚ ପରିଚାଳନା କରିଥିଲେ ସମୟଶ୍ରୀ ଚାଟାର୍ଜୀ । ଧନ୍ୟବାଦ ଅର୍ପଣ କରିଥିଲେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲ୍ଲା ସଂଯୋଜିକା ଡ଼. ଶୁଭସ୍ମିତା ଦାଶ । କେନ୍ଦୁଝରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଇନ୍ଦ୍ରଧନୁ ପକ୍ଷରୁ ଓଡ଼ିଶୀ ଓ ଲୋକନୃତ୍ୟ ପ୍ରଦର୍ଶନ ହୋଇଥିଲା । ପରେ ପରେ କେନ୍ଦୁଝରର ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ଆସିଥିବା କବି, କବୟିତ୍ରୀ ମାନଙ୍କ ଦ୍ୱାରା କବିତା ପାଠୋତ୍ସବ କରାଯାଇଥିଲା । ଏଥିରେ ସଂଯୋଜନା କରିଥିଲେ କେନ୍ଦୁଝର ବରିଷ୍ଠ କବୟିତ୍ରୀ ଇନ୍ଦୁମତୀ ପାତ୍ର, ବରିଷ୍ଠ କବି ଚିନ୍ତାମଣି ମହାଳିକ, ଓ ଡକ୍ଟର ଭାରତୀ ବେହେରା । ମଂଚ ପରିଚାଳନା କରିଥିଲେ ଡ଼. ଶୁଭସ୍ମିତା ଦାଶ । ପରିଶେଷରେ ଭଜନ ଭକ୍ତି ତରଙ୍ଗ ଗ୍ରୁପ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଆୟୋଜନ ପରିଚାଳନାର ଦାୟିତ୍ୱରେ ଥିଲେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରାନ୍ତ ପତ୍ରିକା ପ୍ରମୁଖ ଶ୍ରୀଯୁକ୍ତ ଅବିନାଶ ଦାସ । କେନ୍ଦୁଝରର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସାହିତ୍ୟ ଅନୁଷ୍ଠାନରୁ ଛାତ୍ର ଛାତ୍ରୀ ତଥା ସାହିତ୍ୟ ପ୍ରେମୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ ।

ତିଖାଲି ଡ୍ୟାମ ମହୋତ୍ସବ ଉଦ୍‌ଯାପିତ

ନୂଆପଡ଼ା,୧୭/୩(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ତିଖାଲି ଠାରେ ଅନୁଷ୍ଠିତ ତିଖାଲି ଡ୍ୟାମ ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି । ସଭାପତି ଗୌତମ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାସ, ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂହ, ଖଡ଼ିଆଲ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମୁଖ୍ୟ ବକ୍ତା ଭାବରେ ଗବେଷକ ଫଣିନ୍ଦମ ଫିଂଦେଓ, ସମ୍ମାନିତ ଅତିଥି ଭାବରେ ଖଡ଼ିଆଲ ଏସଡିପିଓ ଉପେନ୍ଦ୍ର ପ୍ରଧାନ, ଖଡ଼ିଆଲ ବ୍ଲକ ଅଧ୍ୟକ୍ଷା

ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ

ଆଇନଜୀବୀ ଓ ନ୍ୟାୟପାଳିକାର ବିଚାରପତି ଗୋଟିଏ ରଥରେ ଦୁଇଟି ଚକ

ଭଦ୍ରକ,୧୭/୩(ନି/ପ୍ର):ଭଦ୍ରକ ଓକିଲ ସଂଘର ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଟାଉନ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଯୋଗ ଦେଇଥିଲେ । ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବାରେ ଆଇନଜୀବୀ ମାନଙ୍କୁ ପରିଚିତ କରାଇଥାଏ । ଓକିଲ ମାନଙ୍କ ସହଯୋଗ ରହିଲେ ନ୍ୟାୟିକ ବ୍ୟବସ୍ଥା ଶକ୍ତିଶାଳୀ ହୁଏ । ଆଇନଜୀବୀ ଓ ନ୍ୟାୟପାଳିକାର ବିଚାରପତି ଗୋଟିଏ ରଥରେ ଦୁଇଟି ଚକ ଭଳି । ନ୍ୟାୟପାଳିକା ବ୍ୟବସ୍ଥା ଠିକ ରହିଲେ ଜନସାଧାରଣ ଉପକୃତ ହୁଅନ୍ତି ବୋଲି ଦୁଇ ବିଚାରପତି ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଭଦ୍ରକ କୋର୍ଟରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ ପାଇଁ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ସଂଘର ବରିଷ୍ଠ ଆଇନଜୀବୀ ଗିରଧାରୀ ନାଥ ଭଦ୍ରକ ବାର୍ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ନିଜ ବକ୍ତବ୍ୟ ମାଧ୍ୟମରେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଶେଷ କରି ଦୀର୍ଘବର୍ଷ ଧରି ହାଇକୋର୍ଟଙ୍କ ତରଫରୁ ଭଦ୍ରକ କୋର୍ଟରେ ଏକ ପୋଷ୍ଟ ଅଫିସ, ବ୍ୟାଙ୍କ, ଏଟିଏମ୍ କାଉଣ୍ଟର, କ୍ୟାଣ୍ଟିନ୍ ପ୍ରତିଷ୍ଠା ପାଇଁ ପ୍ରତିଶୃତି ଦେଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନଥିବା ନେଇ ସେ ଦୁଃଖ ପ୍ରକାଶ କରିଥିଲେ । ସେହିପରି ଦୁଇବର୍ଷ ଧରି ମୋହରିର ଓ ଭେଣ୍ଡରଙ୍କ ପାଇଁ ନିର୍ମାଣ ହୋଇ ପଡି ରହିଥିବା ବିଲଡିଂଟି ଆନୁସଙ୍ଗୀକ ସରଜାଂମ ଓ ଆସବାବପତ୍ର ନଥିବାରୁ କାର୍ଯ୍ୟକାରୀ ହେଉନଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏହା ବ୍ୟତୀତ ଆବଶ୍ୟକ ସଂଖ୍ୟକ ବିଚାରପତି ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ରଖିଥିଲେ । ହାଇକୋର୍ଟର ଷ୍ଟାଣ୍ଡିଂ କାଉନସିଲର ସସ୍ମିତା ନାୟକ ଭଦ୍ରକ କୋର୍ଟର ଉନ୍ନତି କରଣ ନିମନ୍ତେ ନିବେଦନ କରିଥିଲେ । ସଂଘ ର ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ଇନ୍‌ଚାର୍ଯ୍ୟ ଜିଲ୍ଲାଜଜ୍ ପ୍ରଭାତ କୁମାର ରାଜଗୁରୁଙ୍କ ସମେତ ଭଦ୍ରକ କୋର୍ଟର ସମସ୍ତ ବିଚାରପତି, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ବରିଷ୍ଠ ଆଇନଜୀବୀମାନେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଦୀର୍ଘ ୫୦ବର୍ଷ ଧରି ଭଦ୍ରକ ବାର୍‌ରେ ଓକିଲାତି କରିଥିବା ବରିଷ୍ଠ ଆଇନଜୀବୀ ବଟକୃଷ୍ଣ ଦାଶଙ୍କ ସମେତ ଅନ୍ୟ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

୧୫ ମିନିଟ୍‌ରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼: ୨ ଜଣଙ୍କ ଜୀବନ ଗଲା, ୮ ଗୁରୁତର

କରଞ୍ଜିଆ/କରଞ୍ଜିଆ ସଦର,୧୭/୩(ନି/ପ୍ର): ମୟୂରଭଞ୍ଜଜିଲ୍ଲା କରଞ୍ଜିଆ ବ୍ଲକ୍‌ରେ ତାଣ୍ଡବ ରଚିଛି ଘୂର୍ଣ୍ଣିଝଡ଼ । ମାତ୍ର ୧୫ ମିନିଟ୍ ?ର ଖଣ୍ଡପ୍ରଳୟରେ ୫ଟି ପଚାଂୟତ ଅନ୍ତର୍ଗତ ୧୨ଟି ଗାଁର ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଶହଶହ ଗଛ ଓ ବିଦ୍ୟୁତ୍ ଖୁଟଂ ଧରାଶାୟୀ ହେବା ସହ ପ୍ରାୟ ୨୦୦ରୁ ଅଧିକ ଘର ଭାଙ୍ଗିଛି । ସେହିପରି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ଏବଂ ୫୦ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଆଜି ଦିନ ପ୍ରାୟ ୨ଟା ୪୫ ମିନିଟ୍ ସମୟରେ ହଠାତ୍ କରଞ୍ଜିଆ ବ୍ଲକ୍ ବଳା ପଚାଂୟତର କିଆ-ପାଣପୋସଠାରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇଥିଲା । ୧୫ ମିନିଟ୍ ? ମଧ୍ୟରେ ଏହା ବଳା, ଦରି, ବାଟପଲସା, ବଡ଼ଗାଁ ଓ ତାଟୋ ପଚାଂୟତ ଅଧୀନ ୧୨ଟି ଗାଁକୁ କବଳିତ କରିଥିଲା । କିଆ-ପାଣପୋସ ଗ୍ରାମ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାବେଳେ କିଆ, ଡୁମୁରିଆ, ବଳା, ପିଚ୍ଛୁଳି, ତାଟୋ, ବାଟପଲସା, ସଲରପଦା, କଙ୍କଡ଼ା, ପୁରୁଣାପାଣି ଆଦି ଗାଁରେ ବ୍ୟାପକ କ୍ଷତି ଘଟିଛି । ଶହଶହ ଗଛ ଭାଙ୍ଗିବା ସହ ଅନେକ ଗଛ ଉପୁଡ଼ି ପଡ଼ିଛି । ସେହିପରି ବିଦ୍ୟୁତ୍ ଖୁଟଂଗୁଡ଼ିକ ଧରାଶାୟୀ ହୋଇଯାଇଛି । ୨୦୦ରୁ ଅଧିକ ଘର ଭାଙ୍ଗିଥିବା ବେଳେ ଶତାଧିକ ଘରର ଛପର ଉଡ଼ିଯାଇଛି । ପ୍ରବଳ ପବନ ଯୋଗୁ ସାଇକଲ ଓ ବାଇକ୍‌ଗୁଡ଼ିକୁ ଉଡ଼ାଇ ନେଇ ଅନ୍ୟତ୍ର ଫିଙ୍ଗି ଦେଇଛି । ଏମିତିକି ୨୨୦ ନମ୍ବର ଜାତୀୟ ରାଜପଥର କଙ୍କଡ଼ାଠାରେ ୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଅଟୋକୁ ଉଡ଼ାଇନେଇ ପୋଖରୀ ଭିତରେ ପକାଇଛି । କାର, ବସ୍ ଓ ଟ୍ରକ୍ ଭଳି ବଡ଼ ଗାଡ଼ିଗୁଡ଼ିକ ମଧ ଅଳ୍ପବହୁତ କ୍ଷତିଗ୍ରସ୍ତ ହୋଇଛି । ଝଡ଼ବତାସରେ ଝିଅଘର କଙ୍କଡ଼ାକୁ ଆସିଥିବା କେନ୍ଦୁଝର ସାହାରପଡ଼ା ବ୍ଲକ୍ ହଳଦୀବଟାର ପୁଲିସ ନାଏକ (୪୨) ଏବଂ ବାଟପଲସା ପଚାଂୟତ ପୁରୁଣାପାଣିର ମାଳତୀ ମହାନ୍ତ (୫୫)ଙ୍କ ଜୀବନ ଯାଇଛି । ସେହିପରି ୮ ଜଣ ଗୁରୁତର ଆହତ ହୋଇଥିବା ବେଳେ ପ୍ରାୟ ୫୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଅଧିକାଂଶ ରାସ୍ତାରେ ଯାଉଥିବା ବାଟୋଇ, ବାଇକ୍ ଓ ସାଇକଲ ଚାଳକ । ମୃତ ଦୁଇଜଣଙ୍କ ଶବ କରଞ୍ଜିଆ ଡାକ୍ତରଖାନାରେ ରଖାଯାଇଛି । ଆସନ୍ତାକାଲି ସେଗୁଡ଼ିକର ବ୍ୟବଚ୍ଛେଦ ହେବ । ଗୁରୁତରଙ୍କୁ କେନ୍ଦୁଝର ଓ କଟକ ବଡ଼ଡାକ୍ତରଖାନା ପଠାଯାଇଥିବା ବେଳେ କରଞ୍ଜିଆ ଓ ତାଟୋ ଡାକ୍ତରଖାନାରେ ଅନେକ ଆହତଙ୍କ ଚିକିତ୍ସା ଚାଲିଛି । ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ସାହୁ, କରଞ୍ଜିଆ ଆରଆଇ ଦେବାଶିଷ ନାଏକ, ଏସ୍‌ଡିପିଓ ନବକ୍ରିଷ୍ଣ ନାୟକ, କରଞ୍ଜିଆ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ, କରଞ୍ଜିଆ ଅଗ୍ନିଶମ ଅଧିକାରୀ ଦୀପକ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ।

ବିଜୟା ଦଶମୀ ପାଳନ ଉପଲକ୍ଷେ ତିହିଡିରେ ମା ମାଟି ପାଇଁ ଗଣଦୌଡ

ଭଦ୍ରକ,୧୭/୩(ନି/ପ୍ର):ଭଦ୍ରକ ଜିଲ୍ଲା ତିହିଡି ବ୍ଲକରେ ଶ୍ରୀରାମଙ୍କ ବିଜୟା ଦଶମୀ ମହୋତ୍ସବ ପାଳନ ଉପଲକ୍ଷେ ରବିବାର ସକାଳେ ଶ୍ରୀରାମ ନବମୀ ସମିତି ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଏହି ଗଣଦୌଡକୁ ବିଜେପି ନେତା ଅଜୟ କୁମାର ନାୟକ ଶୁଭାରମ୍ଭ କରିଥିଲେ ।ଗଣଦୌଡ ମାଧ୍ୟମରେ ରାଷ୍ଟ୍ରୀୟ ଏକତା ଓ ଭାଇଚାରା ସମ୍ପର୍କ ସେତୁ ବାନ୍ଧିବାର ଲକ୍ଷ୍ୟ ରହିଛି । ପ୍ରଥମେ ବଡଗାଲୋସ୍ଥିତ ମନ୍ଦିର ନିକଟରୁ ଗଣଦୌଡ ଆରମ୍ଭ ହୋଇଥିଲା ।ଏଥିରେ ଶତାଧିକ ଅଂଚଳବାସୀ ଯୋଗଦେଇ ବଜାର ପରିକ୍ରମା କରି ତହସିଲ ପରିସରରେ ଥିବା ହନୁମାନ ମନ୍ଦିରରେ ପହଁଚି ପୂଜାର୍ଚ୍ଚନା କରିଥିଲେ । ଶ୍ରୀରାମ ନବମୀ ସମିତିର ସଭାପତି କିଶୋର ନାୟକ, ସମ୍ପାଦକ ଯଯାତିକେଶରୀ ଦାସ, କୋଷାଧକ୍ଷ ନିଳମଣି ସାବତ, ଶୁଭ୍ରନାରାୟଣ ସେଠୀ, ସୀତାକାନ୍ତ ନାୟକ, ରଘୁନାଥ ପାତ୍ର, ବିଶ୍ୱଜିତ ବେହେରା, ଶୁକଦେବ ମଳିକ, କେଶବ ବେହେରା, ପି. ହୃଷିକେଶ, ସରୋଜ ନାୟକ, ଦୀପକ ସ୍ୱାଇଁ, ବୁଦ୍ଧିରାମ ସେଠୀ, ନିଶିକାନ୍ତ ଭଞ୍ଜରାୟ, ଜ୍ୟୋର୍ତିମୟ ପାଣ୍ଡବ, ରାଜୀବ ନାୟକ, ଅଭିରାମ ଦାସ, ସଞ୍ଜୟ ମହାନ୍ତି, ପ୍ରିୟବନ୍ଧୁ ମାଝୀ, ମନୋଜ ସେନାପତି, ପ୍ରତାପ ଜେନା, ଦୟାନିଧି ସାହୁ, ଜୟପ୍ରକାଶ ବେହେରା, ଗଣେଶ କର, ହରିଶ୍ଚନ୍ଦ୍ର ନାୟକ, ତପନ ପଣ୍ଡା, ଅଜୟ ନାୟକ ଓ ରାଜେଶ ନାୟକ ପ୍ରମୁଖ ଶତାଧିକ ସାମିଲ ହୋଇଥିଲେ । ଆସନ୍ତା ୧୯ ତାରିଖରେ ଗୁଆମଙ୍ଗଳା ଓ ରାମାୟଣ ପାଠ, ୨୦ରେ ଜଗନ୍ନାଥଙ୍କ ପୂଜା, ବାଇକ୍ ଶୋଭାଯାତ୍ରା, ୨୧ରେ ୧୦୮ ହନୁମାନ ଚାଳିଶା ପାଠ, ୨୨ରେ ବସୁଦ୍ଧେ କୁଟୁମ୍ବକଙ୍କ ପୂଜା, ବାଲ ବଜରଙ୍ଗି ସାଇକେଲ ଶୋଭାଯାତ୍ରା, ୨୩ରେ ଗୁରୁନାରାୟଣୀ ପୂଜା, ୨୪ରେ ବରୁଣ ଓ ପାଶ୍ୱର୍ ଦେବାଦେବୀ ପୂଜା, ୨୫ରେ ସପ୍ତମାତୃକା ପୂଜା, ୨୬ରେ କଳସ ଶୋଭାଯାତ୍ରା ଓ ଅଷ୍ଟମୀ ପୂଜା, ୨୭ରେ ନବମୀ ପୂଜା ଏବଂ ୨୮ରେ ମହାଦଶମୀ ପୂଜା ସହିତ ବିଶାଳ ନଗର ସଂକିର୍ତନ ଓ ବିଜୟା ଦଶମୀ ମହୋତ୍ସବ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ବିଭିନ୍ନ ଗାଁଗଣ୍ଡାରୁ ୫୨ଟି ପ୍ରଜ୍ଞାପନ ମେଢ ମହୋତ୍ସବରେ ସାମିଲ ହେବ ବୋଲି ଜଣାଯାଇଛି । ଏଠାରେ ସୂଚନା ଥାଉକି, ଭଦ୍ରକରେ ଜିଲ୍ଲା ସ୍ତରୀୟ ଶ୍ରୀରାମ ନବମୀ ପାଳନ କରା ଯାଇଥାଏ ।ବିଭିନ୍ନ ଅଂଚଳରୁ ଶତାଧିକ ପ୍ରଜ୍ଞାପନ ମେଢ ଭଦ୍ରକ ଯାଇଥାନ୍ତି । ଏହାର ଠିକ୍ ପରଦିନ ତିହିଡିରେ ବିଜୟା ଦଶମୀ ମହୋତ୍ସବ ବିଗତ ଏଗାର ବର୍ଷ ଧରି ପାଳନ ହୋଇ ଆସୁଅଛି ।

ବିବିଧା

ଆଜିର ରାଶିଫଳ

ମେଷ: ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

ବୃଷ: ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

ମିଥୁନ: ବ୍ୟବହାରରେ ସଂଯମତା ରକ୍ଷା କରିବେ । କାମ, ଶାରରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

କର୍କଟ: ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

ସିଂହ: ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

କନ୍ୟା: ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

ତୁଳା: ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

ବିଛା: ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଶୁଭଚିନ୍ତକମାନଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

ଧନୁ: ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଯୋଜନା ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।

ମକର: ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ପର୍କରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

କୁମ୍ଭ: ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

ମୀନ: ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

ଆଜିର ଇତିହାସ

- ୧୯୦୪- ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ର‍୍ୟାଲିର ଉଦ୍‌ଘାଟନ ।
- ୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ।
- ୧୯୭୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜେଲରୁ ମୁକ୍ତ ହେଲେ ।
- ୨୦୦୪- ଭାରତ ମହାସାଗରରେ ସୁନାମି ଆସିବା ଯୋଗୁଁ ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୩୦,୦୦୦ ଲୋକଙ୍କ ପ୍ରାଣହାନି ।



ଲିଭର୍ ପାଇଁ କ୍ଷତିକାରକ ସୁଗାର ଫ୍ରି!

ଆଜିକାଲି ଓଜନ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ କମ୍ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଉଛନ୍ତି । ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ସୁଗାର ଫ୍ରି ଚକୋଲେଟ୍, ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି । ଏଥିରେ ବ୍ୟବହାର ହେଉଥିବା ସର୍ବିଟୋଲ, ସୁକ୍ରାଲୋଜ, ଆସ୍ପାର୍ଟେମ୍ ସାଧାରଣତଃ ଚିନିଠାରୁ ଉତ୍ତମ ବିକଳ୍ପ ବୋଲି କୁହାଯାଏ । ଏବେ ଏକ ନୂତନ ଗବେଷଣା ଅନୁସାରେ, ସର୍ବିଟୋଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ଫ୍ରୁକଟୋଜ ଭଳି କାମ କରିଥାଏ । ଫ୍ରୁକଟୋଜ ଲିଭରକୁ କ୍ଷତି ପହଞ୍ଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ । କେବଳ ସେତିକି ନୁହେଁ, ଏହା ଶରୀର ଭିତରକୁ ଯାଇ ହାଇ-ସୁଗାର ଡାଏଟ୍ ଭଳି କ୍ଷତି କରିଥାଏ । ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗାରି ପ୍ୟାଟିଙ୍କ ସାଇନ୍ସ ସିଗ୍ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ସର୍ବିଟୋଲ ଶରୀର ଭିତରେ ପ୍ରାୟ ଫ୍ରୁକଟୋଜ ଭଳି ପ୍ରଭାବ ପକାଏ । ଯେତେବେଳେ ଲିଭରରେ ଅଧିକ ପରିମାଣରେ ଫ୍ରୁକଟୋଜ ତିଆରି ହୁଏ, ତାହା କର୍କଟ କୋଷ ତିଆରି କରିବାରେ ସାହାଯ୍ୟ କରେ । ଡା'ସହ ଫ୍ରୁକଟୋଜକୁ ଫ୍ୟାଟି ଲିଭର ରୋଗର ମୁଖ୍ୟ କାରଣ ବୋଲି କୁହାଯାଏ । ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିପାରେ । ସର୍ବିଟୋଲ ମଧ୍ୟ ଲିଭର୍‌ରେ ପହଞ୍ଚି ଫ୍ରୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ଚେତାଇ ଦେଇଛି । ସର୍ବିଟୋଲ ଫ୍ରୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭର୍‌ରେ ପହଞ୍ଚି ନକରାତ୍ମକ ପ୍ରଭାବ ପକାଇଥାଏ । ଏହା ଚର୍ବି ଜମା ହେବା, ମେଟାବଲିଜିମ୍ ଉପରେ ପ୍ରଭାବ ପକାଇବା ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ନ କରିବା ଭଳି ସମସ୍ୟା ସୃଷ୍ଟି କରିଥାଏ । ଅନେକ ଭାବନ୍ତି, ସର୍ବିଟୋଲ ଚିନିର ଏକ ସୁରକ୍ଷିତ ବିକଳ୍ପ । ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଦ୍ୱାରା ଫ୍ରୁକଟୋଜ ଭଳି ଶରୀରର କ୍ଷତି କରିପାରେ । ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ । ଅନ୍ୟପଟେ ସୁଗାର ଫ୍ରି ଚୁଇଂଗମ୍, କ୍ୟାଣ୍ଡି, ପ୍ରୋଟିନ ବାର୍ ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ । କାରଣ ଏଥିରେ ସର୍ବିଟୋଲ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଅନ୍ତନଳୀ ମଧ୍ୟ ପ୍ରଭାବିତ ହୁଏ । ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ଜିନିଷ ଖାଇଲେ ଗ୍ଲୁକୋଜ ଅନ୍ତନଳୀରେ ସର୍ବିଟୋଲରେ ପରିଣତ ହୋଇଯାଏ । ଏହାଦ୍ୱାରା ଶରୀରରେ ସର୍ବିଟୋଲ ପରିମାଣ ବଢ଼େ । ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ ।

କିଆରାଙ୍କ 'ଟକ୍ସିକ୍' ଲୁକ୍

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏକ ଫ୍ୟାରିଟେଲ୍ ଫର୍ ଗ୍ରୋନ୍‌ଅପ୍ସ'କୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ଫିଲ୍ମକୁ ନେଇ ମଧ୍ୟ ବେଶ୍ କ୍ରେଜ୍ ରହିଛି । କିଛି ଦିନ ପୂର୍ବରୁ ଏଥିରେ ଯଶ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଇତିମଧ୍ୟରେ ଏଥିରୁ କିଆରାଙ୍କ ଲୁକ୍ ସାମ୍ନାକୁ ଆସିଛି । ମା' ହେବା ପରେ କିଆରା 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ କିଆରା ଦମ୍‌ଦାର ଅବତାରରେ ନଜର ଆସିଛନ୍ତି । ଏଥିରେ କିଆରା କଳା ରଙ୍ଗର ଏକ ଅଫ୍-ସୋଲଡର୍ ଗାଉନ୍ ପିନ୍ଧି ଡ୍ୟାନ୍ସଫ୍ଲୋର୍‌ର ସ୍ପଟ୍‌ଲାଇଟ୍ ସାମ୍ନାରେ ଠିଆ ହୋଇଥିବାର ଦେଖାଯାଉଛନ୍ତି । ତାଙ୍କ ଆଖିରୁ ଲୁହ ବହୁଥିବାର ଦେଖାଯାଉଛି । ସେ କିଛି ଭାବନାରେ ବୁଡ଼ି ରହିଥିବାର ନଜର ଆସିଛନ୍ତି । ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଉଛନ୍ତି । ଯଶ୍ ଓ କିଆରାଙ୍କ ବ୍ୟତୀତ ଏଥିରେ ତାରା ସୁତାରିଆ, ହୁମା କ୍ୟୁରେସି, ରୁକ୍ମିଣୀ ବସନ୍ତ, ଅକ୍ଷୟ ଓବରୟ ପ୍ରମୁଖ ନଜର ଆସିବେ । ଏହାକୁ ଏକସଙ୍ଗେ କନଡ଼ ଓ ଇଂରାଜୀ ଭାଷାରେ ସୁଟ୍ କରାଯାଇଛି । ଏହା ଇଦ୍ ଅବସରରେ ଆସନ୍ତା ମାର୍ଚ୍ଚ ୧୯ରେ ଆସିବ । ଛଅଟି ଭାଷାରେ ଏହା ରିଲିଜ୍ ହେବ । ତେବେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ଏହି ଦିନ ରିଲିଜ୍ ହେଉଥିବାରୁ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି ।

ପର୍ବତାରୋହୀଙ୍କ ଗର୍ଜ୍ଜନରେ ଆବର୍ଜ୍ଜନା ଏଭରେଷ୍ଟ

ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ଏବେ ଛୋଟ ଛୋଟ ଅଳିଆ ଆବର୍ଜ୍ଜନା ଦେଖାଯାଉଛି । ପ୍ରତ୍ୟେକ ପର୍ବତାରୋହୀ ଜୀବନରେ ଅନ୍ତତଃ ଥରେ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ସ୍ୱପ୍ନ ଦେଖିଥାନ୍ତି । ହେଲେ ପର୍ବତାରୋହୀମାନେ ଏଠାରେ ପହଞ୍ଚିବା ପରେ ଛାଡ଼ି ଆସୁଛନ୍ତି ଛୋଟ ଛୋଟ ଅଳିଆ । ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବେଶବିତ୍ । ପର୍ବତାରୋହଣବେଳେ ବ୍ୟବହାର ହେଉଥିବା ସାମଗ୍ରୀ, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ମାନବିକ ଆବର୍ଜ୍ଜନା ଏଭରେଷ୍ଟ ରାସ୍ତାରେ ପ୍ରଚୁର ମାତ୍ରାରେ ପଡ଼ିରହିଛି । ଏଭରେଷ୍ଟ ଟ୍ରେକ ନାମକ ପ୍ଲାଟଫର୍ମ ଦ୍ୱାରା ସେୟାର୍ କରାଯାଇଥିବା ଏସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ ଏହି ଭିଡିଓକୁ ଦେଖି ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି । ଉକ୍ତ ଭିଡିଓରେ ଏଭରେଷ୍ଟର ଧଳା ବରଫ ଆସ୍ତରଣ ମଧ୍ୟରେ ଛୋଟ ଛୋଟ ଅଳିଆ ଆବର୍ଜ୍ଜନା ଗଦା ହୋଇଥିବାର ଦେଖାଯାଇଛି । ପଲିଥିନ୍, ପୁରୁଣା କପଡ଼ା, ଖାଦ୍ୟ ପ୍ୟାକେଟ୍, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ଫଟା ତମ୍ବୁ ବରଫ ଉପରେ ପଡ଼ିଥିବାର ଭିଡିଓରେ ଦେଖାଯାଇଛି । କୁହାଯାଉଛି ଏହି ଭିଡିଓଟି ୨୦୨୪ ମସିହାର । ହେଲେ ଏବେବି ଏହାର ସ୍ଥିତି ସେମିତି ରହିଛି ବୋଲି ଭିଡିଓରେ କୁହାଯାଇଛି । ଏହାର କିଛରେ ତିଆରି ହୋଇଥିବା କ୍ୟାମ୍ପଗୁଡ଼ିକରେ ଅଧିକ ମାତ୍ରାରେ ଅଳିଆ ଆବର୍ଜ୍ଜନା ଜମା ହୋଇଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି, ପ୍ରକୃତି ପ୍ରତି ଅବହେଳା ଏବେ ବିଶ୍ୱର ସର୍ବୋଚ୍ଚ ଶିଖରକୁ ମଧ୍ୟ ଛାଡ଼ିନାହିଁ । ଏହି ଭିଡିଓରେ କୁହାଯାଇଛି, ଏହାକୁ ସଫାସୁତୁରା ରଖିବା ଏକ ବିକଳ୍ପ ନୁହେଁ, ବରଂ ଲୋକଙ୍କର ଦାୟିତ୍ୱ । ଏହା ପ୍ରକୃତି ଏବଂ ଭବିଷ୍ୟତ ପିଢ଼ି ପାଇଁ ଜରୁରି । ଏହାସହ ଏନେଇ କଡ଼ା ନିୟମ, ସ୍ୱଚ୍ଛତାର ସହ ପର୍ବତାରୋହଣ ଏବଂ ଅଳିଆ ନିୟନ୍ତ୍ରଣ ପାଇଁ ଭିଡିଓରେ ଦାବି କରାଯାଇଛି । ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି ।

ମଧୁମେହ ରୋଗୀଙ୍କ ପାଇଁ ଚାଲିବା ଭଲ

ଜୀବନଶୈଳୀରେ ପରିବର୍ତ୍ତନ ଓ ଖରାପ ଖାଦ୍ୟାଭ୍ୟାସ କାରଣରୁ ସମ୍ପ୍ରତି ଘରେ ଘରେ ମଧୁମେହ ରୋଗୀ । ଶରୀରର ରକ୍ତ ଶର୍କରା ବୃଦ୍ଧି ଯୋଗୁଁ ବାରମ୍ବାର ପରିସ୍ରା ଲାଗିବା, ଶୋଷ ଲାଗିବା ଆଦି ଲକ୍ଷଣ ଦେଖାଯାଏ । ମଧୁମେହ ପୀଡ଼ିତ ରକ୍ତ ଶର୍କରା ନିୟନ୍ତ୍ରଣ ରଖିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତି । ଖୁସିର ବିଷୟ, ଚାଲିବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରିତ ରହି ପାରିବ । ତେଣୁ ମଧୁମେହ ପୀଡ଼ିତ ନିଜ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଚାଲିବା ଜରୁରି ।

ମଧୁମେହ ପୀଡ଼ିତ ଔଷଧ ସେବନ ଓ ଡାଏଟକୁ ଅନୁକରଣ କରିବା ସହ ଶାରୀରିକ ଭାବେ ସକ୍ରିୟ ରହିବା ଆବଶ୍ୟକ । ଏହାଦ୍ୱାରା ରକ୍ତ ଶର୍କରା, ରକ୍ତଚାପ, ଏବଂ ହୃଦ୍‌ରୋଗ ଆଶଙ୍କା କମ୍ ହୁଏ । ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ପ୍ରତିଦିନ ୧୦ହଜାର ପାଦ ଚାଲିପାରିବେ । ଯଦି ସେତିକି ବାଟ ଚାଲିବା ଦ୍ୱାରା ଅବସାଦ ବା ଦୁର୍ବଳ ଅନୁଭବ କରୁଥାନ୍ତି ତେବେ ଯୋଗ ଓ ବ୍ୟାୟାମ କରିପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦିନକୁ ଅତିକମରେ ୩୦ ମିନିଟ୍ ହିସାବରେ ସପ୍ତାହରେ ପାଞ୍ଚ ଦିନ ଚାଲିବେ । ୩ରୁ ୪ କିମି ଚାଲିବା ବି ସ୍ୱାସ୍ଥ୍ୟ ପକ୍ଷେ ହିତକର । ଖାଦ୍ୟ ଗ୍ରହଣ ପରେ ଚାଲିବା ଜରୁରି ।

ରାତ୍ରିଭୋଜନ ପରେ ବଳକୁ ୩୦ ମିନିଟ୍ ଚାଲିଲେ ରକ୍ତ ଶର୍କରା ହ୍ରାସ ପାଏ । ଯଦି ଇନ୍‌ସୁଲିନ୍ ନେଉଥାନ୍ତି କିମ୍ବା ପୂର୍ବାପେକ୍ଷା ରକ୍ତ ଶର୍କରା କମ୍ ଥିଲେ ସକାଳୁ ଚାଲିବା ପୂର୍ବରୁ ହାଲୁକା ଜଳଖିଆ ଗ୍ରହଣ କରନ୍ତୁ । ବ୍ରିସ୍କ ୱାକ୍ ତଥା ଜୋର ଜୋର ଚାଲିବା, ଯୋଗ, ପ୍ରାଣାୟମ ଆଦି କରିବା ହିତକର ।

କାଶର ଆୟୁର୍ବେଦ ଉପଚାର

'ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ'

ଶୀତଋତୁରେ କମ୍ ତାପମାତ୍ରା ଯୋଗୁଁ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ନାକରୁ ପାଣି ବୋହିବା, କାଶ, ତଣ୍ଟି ଦରଜ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ । ଏହା ଶ୍ୱସନ ପ୍ରକ୍ରିୟାକୁ ସଂକ୍ରମିତ କରିଥାଏ । ତେଣୁ ଶୀତଦିନେ ଲଗାତାର କାଶ ହେଉଥିଲେ ଆୟୁର୍ବେଦ ଉପଚାର ଆପଣାଇ ପାରିବେ ।



- ହଳଦୀରେ ଆଣ୍ଟିବାୟୋଟିକ୍ ଓ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି । ତେଣୁ ନଣଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇପାରିବେ । ଏହା କାଶରୁ ଆରାମ ଦିଏ ।
- ଏକ ଚାମଚ ଅଦାରସରେ ଅଧା ଚାମଚ ମହୁ ମିଶାଇ ଦିନକୁ ୪ରୁ ୫ଥର ସେବନ କଲେ କଫ ଜନିତ ସମସ୍ୟାରୁ ଆରାମ ଦିଏ । ମୁଲେଠି ବା ଯଷ୍ଟିମଧୁ ଜଳରେ ଚାକି ପାରିବେ । ୯୦% ମିଶିରି ଏବଂ ୧୦% ଗୋଲମରିଚକୁ ଗୁଣ୍ଡ କରି ଦିନରେ ଦୁଇରୁ ତିନିଥର ଚିମୁଟିଏ ଲେଖାଏଁ ସେବନ କରିବା ଆବଶ୍ୟକ । ତୁଳସୀପତ୍ର ରସ ମହୁ, ଅଦାମହୁ ଆଦି ବ୍ୟବହାର କରାଯାଇପାରେ ।
- ତ୍ରିକଟୁ ଚୂର୍ଣ୍ଣ ଏକ ଗ୍ରାମ ସହ ଚାମଚେ ମହୁ ସହ ମିଶାଇ ଦୟସ୍କ ଚାଟି ସେବନ କରିପାରିବେ । ଚିକିତ୍ସକଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ ।

ଡିମେନ୍‌ସିଆ ପାଇଁ ମ୍ୟାଗ୍ନେସିୟମ୍

ଡିମେନ୍‌ସିଆ ବୟସ୍କଗତ ରୋଗ । ମୁଖ୍ୟତଃ ମସ୍ତିଷ୍କ କୋଷ ନଷ୍ଟ ହେଲେ ସ୍ମୃତିଶକ୍ତି ହ୍ରାସ ପାଏ । ନିଷ୍ପତ୍ତି ନେବାର କ୍ଷମତା କମିଯାଏ । ଛୋଟ ଛୋଟ କଥା ମନେ ନ ରଖି ପାରିବା ଡିମେନ୍‌ସିଆ (ମନୋଭ୍ରଂଶ)ର ଲକ୍ଷଣ ହୋଇଥାଏ । ଅନୁସନ୍ଧାନ ଦ୍ୱାରା ପ୍ରମାଣିତ ଯେ ନିୟମିତ ବ୍ୟାୟାମ, ଶୋଇବା, କମ୍ ଚିନ୍ତା, ଖାଦ୍ୟପେୟ ଆଦି ଅଭ୍ୟାସ ଦ୍ୱାରା ଏହି ସମସ୍ୟାକୁ ହ୍ରାସ କରାଯାଇପାରେ । ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଦୈନିକ ପୁଷ୍ଟିକର ଖାଦ୍ୟ ସହିତ ମ୍ୟାଗ୍ନେସିୟମ୍ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଜଟିଳ କାର୍ଯ୍ୟର ଉନ୍ନତି ପାଇଁ ଦୈନିକ ଭିଟାମିନ୍ ଔଷଧ ଉପରେ ନିର୍ଭର ନ କରି ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି । କାରଣ ସବୁଜ ପରିବା, ଫଳ, ସାମୁଦ୍ରିକ ମାଛ ଆଦି ସେବନ ଶରୀରକୁ ଶକ୍ତି ଦିଏ । ମସ୍ତିଷ୍କ କୋଷର ସନ୍ତୁଳନ ବଜାୟ ରଖେ । ଏହାର ଅଭାବରୁ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ । ଯାହାଦ୍ୱାରା ଡିମେନ୍‌ସିଆପରି ସମସ୍ୟା ହୋଇଥାଏ । ଏନେଇ ଅଷ୍ଟ୍ରେଲିଆନ ନ୍ୟାସନାଲ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟବିଶେଷଜ୍ଞମାନେ ୬୦୦୦ ପ୍ରାପ୍ତ ବୟସ୍କଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ଯେଉଁମାନେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ମାତ୍ରାର ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ବା ଔଷଧ ସେବନ କରୁଥିଲେ ସେମାନଙ୍କର ମସ୍ତିଷ୍କ କାର୍ଯ୍ୟକ୍ଷମତା ମ୍ୟାଗ୍ନେସିୟମ କମ୍ ଗ୍ରହଣ କରୁଥିବା ଲୋକଙ୍କ ତୁଳନାରେ ବହୁତ ଭଲ ଥିଲା । ନିଜ ବୟସ ତୁଳନାରେ ସେମାନେ ଯୁବା ଥିଲେ । ମହିଳାମାନଙ୍କ କ୍ଷେତ୍ରରେ ସକାରାତ୍ମକ ଫଳ ଦେଖା ଯାଇଥିଲା । ଯଦିଓ ମ୍ୟାଗ୍ନେସିୟମ ଡିମେନ୍‌ସିଆର ନିର୍ଦ୍ଦିଷ୍ଟ ଔଷଧ ନୁହେଁ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ପ୍ରତିଦିନ ସବୁଜ ପରିବା, ପାଳଙ୍ଗ, ବିନ୍ସ, ଡାର୍କ ଚକୋଲେଟ, ସାମୁଦ୍ରିକ ମାଛ, ଅଳସୀ, ଡ୍ରାଏଫ୍ରୁଟ ତଥା ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ମସ୍ତିଷ୍କ ସ୍ୱାସ୍ଥ୍ୟ ଭଲ ରହେ । ଡିମେନ୍‌ସିଆ ବିପଦ ହ୍ରାସ ହୋଇ ପାରେ । ନିଦ ଭଲ ହୋଇଥାଏ । ମ୍ୟାଗ୍ନେସିୟମ ମସ୍ତିଷ୍କର ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀମା କରିପାରେ । ମସ୍ତିଷ୍କ ସଙ୍କୋଚନକୁ ବି ହ୍ରାସ କରିପାରେ । ସ୍ମୃତିଶକ୍ତି ବୃଦ୍ଧି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମସ୍ତିଷ୍କକୁ ଶାନ୍ତ ରଖେ । ମସ୍ତିଷ୍କର କ୍ଷମତାକୁ ବଢ଼ାଇ ପାରେ । ଚିନ୍ତା ହ୍ରାସ ଯୋଗୁଁ ଡିମେନ୍‌ସିଆ ବିପଦ ହ୍ରାସ ପାଇ ପାରେ ।

ସୁସ୍ଥ ମନ ସୁସ୍ଥ ଶରୀର

ଦେହକୁ ହିତ ଆପେଣ୍ଡିକ୍ସ

ଆପେଣ୍ଡିକ୍ସ ଏକ କ୍ଷୁଦ୍ର ଅଙ୍ଗ । ଏହା ଅନ୍ତଃନଳୀ ସହିତ ଲାଗି କରି ଥାଏ । ଏହା ଅନେକ ତନ୍ତୁ ଦ୍ୱାରା ଗଠିତ । ବଡ଼ ଓ ଛୋଟ ଅନ୍ତଃନଳୀର ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ । ଅନ୍ତଃନଳୀର ଜୀବାଣୁ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କଲେ ଏହା ସଂକ୍ରମିତ ହୋଇଥାଏ । ଏହାକୁ ଆପେଣ୍ଡିସାଇଟିସ୍ କୁହାଯାଏ । ସଂକ୍ରମିତ ଆପେଣ୍ଡିକ୍ସକୁ ଡାକ୍ତର ସର୍ଜରୀ କରି ଶରୀରରୁ ବାହାର କରିଦିଅନ୍ତି । ହେଲେ ଆପେଣ୍ଡିକ୍ସ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ ।

ଆପେଣ୍ଡିକ୍ସ ହିତକର ଜୀବାଣୁଙ୍କୁ ସୁରକ୍ଷିତ ରଖିଥାଏ । ଝାଡ଼ା, ବାନ୍ତି ତଥା ବିଭିନ୍ନ ପେଟଜନିତ ସଂକ୍ରମଣ ସମସ୍ୟା ପରେ ଏହା ଅନ୍ତର ସ୍ୱାସ୍ଥ୍ୟ ଉନ୍ନତି କରେ । ଅନ୍ତଃନଳୀରେ ହିତକର ଜୀବାଣୁ ବଢ଼ାଇବାରେ ସାହାଯ୍ୟ କରେ । ଆପେଣ୍ଡିକ୍ସ ଭଲ ଜୀବାଣୁଙ୍କୁ ସୁରକ୍ଷିତ ରଖେ ।

ପାଚନତନ୍ତ୍ର ସୁସ୍ଥ ରହେ: ଖାଦ୍ୟ ହଜମ କରିବାରେ ଆପେଣ୍ଡିକ୍ସ ସିଧାସଳଖ ସାହାଯ୍ୟ ନ କଲେ ବି ଏହା ଅନ୍ତଃନଳୀରେ ଭଲ ଜୀବାଣୁଙ୍କୁ ସୁରକ୍ଷିତ କରୁଥିବାରୁ ପାଚନତନ୍ତ୍ର ସୁସ୍ଥ ରହିଥାଏ । ଖାଦ୍ୟ ହଜମ ହୋଇପାରେ ।

ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି: ଆପେଣ୍ଡିକ୍ସରେ ଲିମ୍ଫଏଡ ଟିସୁ ଥାଏ । ଏହା ରୋଗପ୍ରତିରୋଧକ କୋଷ ଏବଂ ଆଣ୍ଟିବଡ଼ି ଗଠନରେ ସାହାଯ୍ୟ କରିଥାଏ । ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧୮ ମାର୍ଚ୍ଚ ୨୦୨୬

ବହୁବଚନ : କବିତାରେ କଥାବାର୍ତ୍ତା

ମଣିଷ କେବେଠାରୁ କବିତା ଲେଖିଲା ନିଶ୍ଚିତ ଭାବରେ ଭାଷା ଓ ଲିପିର ଆବିଷ୍କାର ପରେ । କିନ୍ତୁ ଆଦିମ କାଳରୁ, ସଭ୍ୟତାର ଉଭାସର ବହୁ ପୂର୍ବରୁ, ମଣିଷ କବିତାରେ କଥାବାର୍ତ୍ତା କରିଆସିଛି । ଝରଣାର କଳନାଦ, ପକ୍ଷୀମାନଙ୍କ କାକଳି, ବର୍ଷାର ନିକ୍କଣ ପୁଣି ଝଡ଼ର ଝଙ୍କାର କବିତାମନସ୍କ କରିଥିବ ଆଦିମଣିଷକୁ । ସେହିଦିନରୁ ଫୁଟିଥିବ ତା' କଥାରେ କବିତା । ସେଥିପାଇଁ ମୌଖିକ ସାହିତ୍ୟ ହିଁ ସାହିତ୍ୟର ଉଷାକାଳ । ଶ୍ରୁତି କାଳେକାଳେ ସାହିତ୍ୟର ଅବିଚ୍ଛେଦ୍ୟ ଅଙ୍ଗ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ପାଦରେ ମଣିଷ କବିତାରେ ବଞ୍ଚେ । ଅବୋଧ ଶିଶୁଟିକୁ ମା' ତା'ର ପରିଚିତ କରାଏ ପରିପାର୍ଶ୍ୱ ସହିତ କବିତାରେ । ଶରଦର ନିଟୋଳ ଜହ୍ନ ଆଡ଼କୁ ହାତ ବଢ଼ାଇ ଶିଶୁ କାନରେ କହେ, "ଆ ଜହ୍ନମାମୁ ସରଗ ଶଶି, ମୋ କାହ୍ନୁ ହାତରେ ପଡ଼ରେ ଖସି ।" ଶିଶୁଟି ଆଉ ଟିକେ ବଢ଼ିଗଲେ, ପୃଥିବୀକୁ ଦୋଚିହ୍ନା କରୁଥିବା ବୟସରେ ମାଷ୍ଟ୍ରେ ବହିର କବିତା ସହିତ ତାକୁ ଯୋଡ଼ିବାକୁ ଆରମ୍ଭ କରନ୍ତି । ବାପା ମା' କିନ୍ତୁ ତାକୁ କବିତା ଶିଖାନ୍ତି । କହନ୍ତି, କହ, "ପାଠ ପଢ଼ିବି ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି ।" ତେବେ ଶିଶୁଟି ଯୁବକ ହେଲେ କବିତାରେ ପ୍ରେମ କରେ । ସଂସାର ଛାଡ଼ିଲା ବେଳେ ବାପାମା'ଙ୍କୁ ବିଦାୟ ଦିଏ 'ରାମ ନାମ ସତ୍ୟ ହେ' କାରୁଣ୍ୟର ତାଳେ ତାଳେ । ବ୍ୟକ୍ତିକୁ କେବଳ ନୁହେଁ ସମାଜକୁ ବାନ୍ଧି ରଖେ କବିତା, ଆତ୍ମୀୟତାର ନିବିଡ଼ ଆଶ୍ଳେଷରେ । କଥା, କାହାଣୀ ଓ କିଂବଦନ୍ତି ପାଲଟନ୍ତି କବିତା, ଇତିହାସ ଗାଥାର ରୂପ ନିଏ । ମନ୍ଦିରମାଳିନୀ ଭୁବନେଶ୍ୱରରେ ତୁଙ୍ଗ ମନ୍ଦିର ଗଢ଼ିଥିବା ରାଜାଙ୍କୁ ସ୍ମରଣ କରେ ଓଡ଼ିଆ ଜାତି କବିତାର ମୃଦୁ ଲହରିରେ: "ଲଲାଟ ଇନ୍ଦୁ କେଶରୀ, ଗଢ଼ିଲେ ଦେଉଳ ଯତନ କରି, ବିଦେଶୀ ମରନ୍ତି ଝୁରି ।" ଗଜପତି ଏକଦା କେଉଁ ଅଜ୍ଞାତବାସରେ ଥିଲେ କିଏ ଜାଣେ ? ତାଙ୍କର କିନ୍ତୁ ରାଜଧାନୀ ଫେରିବା ଥିଲା ଅନିବାର୍ଯ୍ୟ । ବାଜିଲା ବୀରବାଦ୍ୟ । ଫେରିଲେ ଗଜପତି । ତାହା ଗୀତରେ ଗୁଞ୍ଜରିତ: "ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା, ସୁନୁପୁରୁ ଠେଇଁ ଟମକ ବାଜିଲା ଲେଉଟି ଅଇଲେ ରଜା ।" ସେହିପରି କଳାପାହାଡ଼ର ଓଡ଼ିଶା ଆକ୍ରମଣ ଜନିତ ଭୟାବହତାକୁ କବିତାରେ ଏ ଯାବତ ଛନ୍ଦି ରଖିଛି ଏ ଜାତି, "ଅଇଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ ।" ସମୟ ପରି ଇତିହାସ ମଧ୍ୟ ଏକ ପ୍ରବହମାନ ସ୍ରୋତସ୍ୱିନୀ । ଗୋଟିଏ ଘଟଣା ପାଖରେ ସମୟ ଅଟକି ଯାଏନାହିଁ କି ନିର୍ଦ୍ଦିଷ୍ଟ ସମୟଖଣ୍ଡ ଭିତରେ ବାନ୍ଧି ହୋଇ ରହେ ନାହିଁ ଇତିହାସ । ୧୮୫୭ ମହାସଂଗ୍ରାମର ଅନ୍ୟତମ ସେନାନୀ ଚାଖିଖୁ[ଆ ଝାନ୍ ?ସିର କେଉଁ ଘ* ଅରଣ୍ୟରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରି ଦୀର୍ଘଦିନ ପରେ ନିଜ ମାଟିକୁ ଫେରିଲା ପରେ ଓଡ଼ିଶାର ପୁରପଲ୍ଲୀରେ ସ*ରି ଯାଇଥିଲା କବିତାର କଲ୍ଲୋଳ: "ନଈରେ ବାଲିଆ ଚହଟିଲା, କଜଳ ସିନ୍ଦୂର ନାଆ ଲୋ ଗୋରୀ, ପୁଣି ଚାଖିଆ ଲେଉଟିଲା ।" ପଶ୍ଚିମା*ଳରେ ଛବିଳ ସାଏଙ୍କ ବୀରତ୍ୱର କଥା ମଧ୍ୟ ଝଂକୃତ ହୋଇଥିଲା କବିତାର କମନୀୟତାରେ, "ଉଲି ଉଲି, ଛବିଳ ସାଏ କେ ବାଜଲା ଗୁଲି ।" ଜାତୀୟ ମୁକ୍ତି ସଂଗ୍ରାମ ସମୟରେ ଗାନ୍ଧୀଙ୍କ ସ୍ୱଦେଶୀ ସନ୍ଦେଶ ମଧ୍ୟ ଥିଲା କବିତାମୟ: "ଗାନ୍ଧୀ କହିଛନ୍ତି ବୁଲିବୁଲି, କୁଟି ଖାଅ କାଟି ପିନ୍ଧ ବୋଲି ।" ଜଟିଳ ଗଣିତ ଓ ଭୂମାପ କଥା ମଧ୍ୟ କବିତାରେ କହାଯାଇଛି । ତା'ର ଏକ ଉଦାହରଣ ଏହିପରି: "ଦିଶଇ ଦେଉଳ ଏକ ବିଚିତ୍ର ଗଠନ, କ୍ରୋଧଭରେ ଠେଲିଦେଲା ପବନ ନନ୍ଦନ, ଅର୍ଦ୍ଧେକ ପଙ୍କରେ ତା'ର ତୃତୀୟାଂଶ ଜଳେ, ଦଶଭାଗରୁ ଭାଗେ ଯେ ଶିଉଳିର ତଳେ, ଉପରେ ଏଗାର ହାତ ଅଛି ବିଦ୍ୟମାନ, କର ହେ ସୁବୋଧ ଶିଷ୍ୟ ଦେଉଳ ପ୍ରମାଣ ।" ଏହା ଲ.ସା.ଗୁ. ସମ୍ପର୍କିତ ପ୍ରଶ୍ନ ହୋଇଥିବା ବେଳେ ଭୂମାପ ଗୀତଟି ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ- "ଜରିବକୁ କଡ଼ି ମାଗ ଆଠଗଣ୍ଡା କଡ଼ି କଡ଼ି ତନ୍ଧ ଆଠ, ଜରିବେ ଜରିବେ ଅଢ଼େଇ ଗୁଣ୍ଠକୁ ମନେ ହେତୁ କର ଚାଟ ।" ଆମ ଚାଷବାସ, ଆଗତନାଗତ ଏପରିକି ସ୍ୱାସ୍ଥ୍ୟରକ୍ଷା, ମାଟିମଟାଳ ଆଦିର ଟିପ୍ପଣୀ ମଧ୍ୟ କବିତାଶ୍ରୟୀ । ନିଜ ମାଟି ଛାଡ଼ି ଦେଶାନ୍ତରୀ ହେଲେ ମଣିଷ ମାଟି ହୋଇଯାଏ ସିନା ତା' ପେଟ ଭରେ ନାହିଁ । ସେଥିପାଇଁ ଗାଁ ଗଣ୍ଡାରେ ଆଜି ମଧ୍ୟ ମାଟିମନସ୍କତାର ସ୍ୱର ଶୁଭେ, ଯେମିତି, "ଅନ୍ଦର କଉଡ଼ି ପନ୍ଦର ଦିନ ଲୋ କଲିକତା ଟଙ୍କା ମାସେ, ହିଡ଼ମାଟି ହିଡ଼ରେ ଦେଇ ତାକୁ ଖାଇବୁ ବରଷେ ।" ସୁସ୍ଥ ଜୀବନଯାପନର ଅସୁମାରି ମନ୍ତ୍ର ମଧ୍ୟରୁ ଗୋଟିକର ଅବତାରଣା ଆମ ପୂର୍ବଜମାନଙ୍କ ସ୍ୱାସ୍ଥ୍ୟରକ୍ଷା ଚିନ୍ତା ଓ ତା'ର ସରଳ କାବ୍ୟମୟ ପରିପ୍ରକାଶର ଦୃଷ୍ଟାନ୍ତ ବହନ କରେ: 'ମାଥେ ପଗଡ଼ି ପାୟେ ତେଲ୍, ବଇଦ ସାଙ୍ଗେ କରିବ ଗେଲ୍' । ତେବେ ଆଧୁନିକତାର ପ୍ରଖର ପ୍ରବାହ ସତ୍ତ୍ୱେ ଆମ ଜୀବନରୁ କବିତାର ଆବେଦନ ବିଲୁପ୍ତ ହୋଇନାହିଁ । ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦଳୀୟ ଇସ୍ତାହାର ଓ ସରକାରଙ୍କ କାର୍ଯ୍ୟକ୍ରମ ପ୍ରଚାରପ୍ରସାରର ଆଧାର ମଧ୍ୟ କବିତା । ଲୋକମାନଙ୍କ ହୃଦୟକୁ ସ୍ପର୍ଶ କରିବା ପରି କବିତାଭିତ୍ତିକ ସ୍ଲୋଗାନ୍ ପ୍ରାୟ ପ୍ରତି ରାଜନୈତିକ ଦଳର ପ୍ରଚାରର ମାଧ୍ୟମ ପାଲଟିଛି- ସେ 'ମା'କୁ ସମ୍ମାନ ଗାଁକୁ କାମ' ହେଉ କି ହେଉ 'ନୀତି ଭଲ ନେତା ଭଲ' । ଏହିପରି ସ୍ଲୋଗାନ୍ ?ର ଛତ୍ରେ ଛତ୍ରେ ଶବ୍ଦର ଲାଳିତ୍ୟ ପରିସ୍ଫୁଟ । ସେମିତି ସରକାରଙ୍କ ପ୍ରଚାର ଗଦ୍ୟ ଅପେକ୍ଷା ଅଧିକ ପଦ୍ୟ ଭିତ୍ତିକ । ଉଦାହରଣ ସ୍ୱରୂପ, 'ସବ୍ କା ସାଥ୍ ସବ୍ କା ବିକାଶ୍' ବା 'ପର୍ ଡ୍ରପ୍ ମୋର୍ କ୍ରପ୍' ବା 'ଭୋକାଲ୍ ଫର୍ ଲୋକାଲ୍' ଇତ୍ୟାଦି । ବାଣିଜ୍ୟିକ ବିଜ୍ଞାପନଗୁଡ଼ିକ କବିତା ବିନା ପ୍ରାଣଶୂନ୍ୟ ମନେ ହୁଅନ୍ତି । 'ଅସରନ୍ତି ସମୟ ଅସରନ୍ତି ଆଳାପ'- ଏହି ବିଜ୍ଞାପନଟି କବିତା ନୁହେଁ ତ ଆଉ କ'ଣ ? 'ଶସ୍ତା, ସୁନ୍ଦର, ମଜବୁତ'-କାହାର ସର୍ଜନା କିଏ ଜାଣେ ? ତାହା କିନ୍ତୁ ସର୍ବକାଳୀନ ସାହିତ୍ୟ, ବିଜ୍ଞାପନ ଜଗତର ନିତ୍ୟ ନୂତନ ଉଚ୍ଚାରଣ । ପୃଥିବୀର ପ୍ରତି ଦେଶ ପୁଣି କବିତାରେ ନିଜ କଥା କହେ । ଅଛି କି ଏମନ୍ତ ଦେଶଟିଏ ଯହିଁ ନାହିଁ ଜାତୀୟ ସଙ୍ଗୀତ କବିତାକୁ ଛାଡ଼ି ଜୀବନ କାହିଁ ? ଅବଶ୍ୟ ଜୀବନକୁ ଛାଡ଼ି କବିତା ନାହିଁ ।

ଜ୍ଞାନଗତ ଜଳବାୟୁ ସଙ୍କଟ ଓ ମାନବୀୟ ବୁଦ୍ଧିମତା

ମାତ୍ର ଗୋଟିଏ ପିଢ଼ି ମଧ୍ୟରେ, ମାନବ ସମାଜ ନିଜ ସଭ୍ୟତାର ପ୍ରତ୍ୟେକ କ୍ଷେତ୍ର ଯଥା- ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପ୍ରଶାସନକୁ ଅତି କ୍ଷୀପ୍ର ବା ରକ୍ସସମସ୍ପସକ୍ଟଭକ୍ଷରସ୍ୱସ୍ୱ ସ୍ୱକ୍ଟରରୟରେ ପହଚାଂଇ ଦେଇଛି । ଆମେ ଏହି 'କ୍ଷୀପ୍ରତା' ((ରବସ୍ୱସ୍ପଭରସ୍ୱସ୍ୱ)କୁ ପ୍ରଗତିର ଏକ ବିରାଟ ବିଜୟ ଭାବରେ ପାଳନ କରୁଛୁ । ତଥାପି, ଏକ ଗଭୀର ସତ୍ୟ ସାମ୍ନାକୁ ଆସୁଛି: ଯେତେବେଳେ ଆମର ଟେକ୍ନୋଲୋଜି ଏକ କଳ୍ପନାତୀତ ଗତିରେ ଆଗକୁ ବଢ଼ୁଛି, ଆମର ଜୈବିକ ହାର୍ଡୱେର ବା ଈସକ୍ଟକ୍ଷକ୍ଟଶସମବକ୍ଷ ଷବକ୍ସୟଙ୍ଗବକ୍ସର- ଅର୍ଥାତ୍ ମାନବ ମସ୍ତିଷ୍କ- ଏହି କୃତ୍ରିମ ଗତି ସହିତ ତାଳ ଦେଇ ଚାଲିବାରେ ବିଫଳ ହେଉଛି । ଯେପରି ଶିଳ୍ପାୟନର ବେଗ ପୃଥିବୀର ଜଳବାୟୁ ନିୟନ୍ତ୍ରଣ ଶକ୍ତିକୁ ଅତିକ୍ରମ କରିଗଲା, ଠିକ୍ ସେହିପରି ଡିଜିଟାଲ୍ ବେଗ ଆମ ମସ୍ତିଷ୍କର ଚିନ୍ତା କରିବା ଏବଂ ତାହାକୁ ନିୟନ୍ତ୍ରଣ କରିବା ଶକ୍ତିକୁ ଅତିକ୍ରମ କରିଯାଇଛି । ଆମେ ବର୍ତ୍ତମାନ ଏପରି ଏକ ବିରୋଧାଭାସ (ଚବକ୍ସବୟକ୍ଟଙ୍ଘ) ମଧ୍ୟରେ ଅଛୁ, ଯେଉଁଠି ଆମେ ବୈଷୟିକ ଭାବରେ ଉନ୍ନତି କରୁଛୁ । କିନ୍ତୁ ଜ୍ଞାନଗତ ବା ଉକ୍ଟଶଭସସ୍ପସଙ୍ଗରକ୍ଷଚ ପଛକୁ ହଟିଯାଉଛୁ । ଏରଭ ଢ (୧୯୬୫-୧୯୮୦): ଏମାନେ ହେଉଛନ୍ତି 'ଇଭବ-କ୍ଷକ୍ଟଶ ଝଙ୍କକ୍ସଙ୍ଗସଙ୍ଗବକ୍ଷସସ୍ୱସ୍ପ' । ସେମାନଙ୍କ ପାଇଁ ହାତଲେଖା ଏକ ଜୀବନ ରକ୍ଷାକାରୀ କୌଶଳ (ଝଙ୍କକ୍ସ-ଙ୍ଗସଙ୍ଗବକ୍ଷ ସ୍ୱଳସକ୍ଷକ୍ଷ) ଥିଲା । ସେମାନଙ୍କ ଦୁନିଆରେ, ଯଦି କୌଣସି ତଥ୍ୟ କଲମ ଦ୍ୱାରା ଲେଖା ହେଉନଥିଲା କିମ୍ବା ମନେ ରଖାଯାଉନଥିଲା, ତେବେ ତାହା ଗାଏବ ହୋଇଯାଉଥିଲା । ଏରଭ ଣ ଏବଂ ତ (୧୯୮୧- ୨୦୧୨): ଏହି ଦୁଇଟି ପିଢ଼ିକୁ ଯୌକ୍ତିକ ଭାବରେ ''କରଚଭକ୍ଟବକ୍ସୟ ଏରଭରକ୍ସବସ୍ପସକ୍ଟଭସ୍ୱ' କୁହାଯାଇପାରେ । ସେମାନେ ମାନବୀୟ କୌଶଳର ପ୍ରଥମ ପରିବର୍ତ୍ତନକୁ ଦର୍ଶାନ୍ତି- କଲମର ବକ୍ର ଗତିରୁ କୀ-ବୋର୍ଡର ଲିନିୟର୍ ଟାଇପିଂ (ଖସଭରବକ୍ସ ସ୍ପବକ୍ଟକ୍ଟସଭଶ) ପର୍ଯ୍ୟନ୍ତ । ସେମାନେ ଶିକ୍ଷାର କେନ୍ଦ୍ରବିନ୍ଦୁକୁ ସୂଚନା ସାଇତିବା (ରଭମକ୍ଟୟସଭଶ)ରୁ ସୂଚନା ଖୋଜିବା (ଝକ୍ସସଶଶରକ୍ସସଭଶ)କୁ ସ୍ଥାନାନ୍ତରିତ କଲେ । ଏରଭ ଇକ୍ଷକ୍ଟଷବ (୨୦୧୩- ୨୦୨୪) : ଏମାନେ ହେଉଛନ୍ତି ''ଇଓ ଘବସ୍ପସଙ୍ଗରସ୍ୱ' । ସେମାନଙ୍କ ପାଇଁ 'କ୍ଲାଉଡ୍' (ଉକ୍ଷକ୍ଟଙ୍କୟ)) କେବଳ ଏକ ଉପକରଣ ନୁହେଁ, ବରଂ ଜୈବିକ ସ୍ମୃତି ଶକ୍ତିର ଏକ ସମ୍ପୂର୍ଣ୍ଣ ବିକଳ୍ପ । ଏହି ପରିବର୍ତ୍ତନର ଏକ ବିରାଟ ପ୍ରଭାବ ଭାରତ ପରି ଏକ ଯୁବ ଦେଶ (ହାରାହାରି ବୟସ ୨୮) ଉପରେ ପଡୁଛି । ଯଦି ଭାରତର ଯୁବପିଢ଼ି ଡିଜିଟାଲ୍ ବେଗ ଯୋଗୁଁ ନିଜର ଜ୍ଞାନଗତ ଗଭୀରତା ହରାଇବେ, ତେବେ ଆମେ ଆମର ସବୁଠାରୁ ବଡ଼ ସମ୍ପତ୍ତି ମାନବୀୟ ବୁଦ୍ଧିମତ୍ତା (ଐଙ୍କଙ୍କବଭ ଓଭସ୍ପରକ୍ଷକ୍ଷସଶରଭମର)କୁ ବିପଦରେ ପକାଇବା । ସଂକୁଚିତ ଶ୍ରେଣୀଗୃହ ଏବଂ 'ଧୀର' ସୃଜନଶୀଳତାର ଅନ୍ତ ଆଧୁନିକ ଶ୍ରେଣୀଗୃହ ଇ[ରନେଟ୍ ମାଧ୍ୟମରେ ପ୍ରସାରିତ ହୋଇଛି ସତ, କିନ୍ତୁ ଜ୍ଞାନଗତ ଦୃଷ୍ଟିରୁ ଏହା ଏକ ଅଗଭୀର ପୁଷ୍କରିଣୀରେ ପରିଣତ ହୋଇଛି । ପାରମ୍ପରିକ ଶିକ୍ଷାଦାନ ପ୍ରକ୍ରିୟାରେ, ମସ୍ତିଷ୍କ ଜଣେ ସ୍ଥପତି ପରି କାମ କରୁଥିଲା । ଆଜି ଏହା କେବଳ ଜଣେ କୋରିଅର୍ ବୟ ପରି କାମ କରୁଛି । ଆମକୁ ଇକ୍ଷକ୍ଟକ୍ଟଙ୍କ'ସ୍ୱ ଝବଙ୍ଘକ୍ଟଭକ୍ଟଙ୍କଚକୁ ଦେଖିବାକୁ ହେବ । ଏହାର ମୂଳଦୁଆ ହେଉଛି ମନେ ରଖିବା (ଜରଙ୍କରଙ୍କଭରକ୍ସସଭଶ) ଏବଂ ବୁଝିବା (ଜରଙ୍କରଙ୍କ-ଭରକ୍ସସଭଶ) । ଅତୀତରେ, ଜଣେ ଛାତ୍ରକୁ ଏକ ସୂତ୍ର କିମ୍ବା କବିତା ମନେ ରଖିବାକୁ ପଡୁଥିଲା । ଏହା କେବଳ 'ଘୋଷା ପାଠ' ନଥିଲା, ଏହା ମସ୍ତିଷ୍କ ପାଇଁ ଏକ ବ୍ୟାୟାମ ଥିଲା । ଏହା ସେହି ସ୍ନାୟବିକ ମାଂସପେଶୀ ଗଢୁଥିଲା, ଯାହା ଶିକ୍ଷାର ଉଚ୍ଚସ୍ତର ଯଥା- ବିଶ୍ଳେଷଣ (ଇଭବକ୍ଷଚସ୍ୱସସ୍ୱ) ଏବଂ ସୃଜନଶୀଳତା (ଇଭବକ୍ଷଚ-ସ୍ୱସସ୍ୱ) ପାଇଁ ଆବଶ୍ୟକ ଥିଲା । ଆଜି, ସେହି ମାଂସପେଶୀ ଦୁର୍ବଳ ହୋଇଯାଉଛି । ଯେତେବେଳେ ଜଣେ ଛାତ୍ର ଗୁଗଲରୁ ଉତ୍ତର କପି କରେ, ସେ ବିଷୟବସ୍ତୁକୁ ବୁଝିବାର 'ଧୀର ଅଭ୍ୟାସ' (ଝକ୍ଷକ୍ଟଙ୍ଗ ଚକ୍ସବମସ୍ପସମର)କୁ ଅଣଦେଖା କରେ । ସେମାନେ ଭାବନ୍ତି ସେମାନେ ଜାଣିଛନ୍ତି, କାରଣ ସୂଚନା ସହଜରେ ମିଳୁଛି । କିନ୍ତୁ ବାସ୍ତବରେ ସେମାନେ ତାହାକୁ ଆୟତ୍ତ କରିନଥାନ୍ତି । ପରୀକ୍ଷା ହଲ୍ ?ରେ ଯେତେବେଳେ ସ୍କ୍ରିନ୍ ନଥାଏ, ସେହି 'ଗୁଗଲ୍ ଗୋଷ୍ଟ' (ଏକ୍ଟକ୍ଟଶକ୍ଷର ଏଷକ୍ଟସ୍ୱସ୍ପ) ଗାଏବ ହୋଇଯାଏ ଏବଂ ମସ୍ତିଷ୍କ ଶୂନ୍ୟ ହୋଇଯାଏ । ବାସ୍ତବ ଦୁନିଆର ସୃଜନଶୀଳ ଚିନ୍ତାଧାରା ହଜିଯାଉଛିଵ୍ର କାରଣ ସୃଜନଶୀଳତା ପାଇଁ ଯେଉଁ ସମୟ ଏବଂ ଗଭୀର ଚିନ୍ତା ଦରକାର ଡିଜିଟାଲ୍ ଦୁନିଆ ତାହା ଦେଉନାହିଁ । ବିବର୍ତ୍ତନର ପଛୁଆ ପଦକ୍ଷେପ: ଏକ ଜୈବିକ ପ୍ରତ୍ୟାବର୍ତ୍ତନ ବିବର୍ତ୍ତନ (ରଙ୍ଗକ୍ଟକ୍ଷଙ୍କସ୍ପସକ୍ଟଭ) ସାଧାରଣତଃ ଜଟିଳତା ଆଡ଼କୁ ଗତି କରେ । ତଥାପି, ଏହି 'କ୍ଷୀପ୍ରତାର ଜାଲ' (ରବସ୍ୱସ୍ପଭରସ୍ୱସ୍ୱ ଝକ୍ସବକ୍ଟ) ଏକ ଓଲଟା ପ୍ରକ୍ରିୟା ଆରମ୍ଭ କରିଛି । ସ୍ମୃତି ଶକ୍ତିକୁ ସର୍ଚ୍ଚ ଇଞ୍ଜିନ୍ ଏବଂ ଇଓ ବିଶ୍ଳେଷଣକୁ ଉପରେ ଛାଡ଼ିଦେଇ ଆମେ ଆମର ସେହି ସ୍ନାୟୁ ସର୍କିଟ୍ଟ ଦୁର୍ବଳ କରୁଛୁଵ୍ର ଯାହା ଆମକୁ ମଣିଷ ବୋଲି ପରିଚୟ ଦେଇଥିଲା । ପିଲାମାନଙ୍କ ମଧ୍ୟରେ ସୂକ୍ଷ୍ମ ମୋଟର କୌଶଳ (ରବସ୍ୱସ୍ପ-ଭରସ୍ୱସ୍ୱ ଝକ୍ସବକ୍ଟ)ର ହ୍ରାସ ଏକ ଚେତାବନୀ । ଆଜିର ପିଲାମାନେ କଲମ ଧରିବା ଅପେକ୍ଷା ସ୍କ୍ରିନ୍ ସ୍ୱାଇପ୍ (ଝଙ୍ଗସକ୍ଟର) କରିବା ସହଜ ମନେ କରନ୍ତି । ଏହା କେବଳ ଏକ ଅଭ୍ୟାସର ପରିବର୍ତ୍ତନ ନୁହେଁ, ଏହା ଏକ ସ୍ନାୟବିକ କ୍ଷତି । ହାତଲେଖା ମସ୍ତିଷ୍କର ଏକ ବିରାଟ ଏବଂ ଜଟିଳ ସର୍କିଟ୍‌କୁ ସକ୍ରିୟ କରେ । କଲମକୁ ତ୍ୟାଗ କରି ଆମେ ମସ୍ତିଷ୍କର ଗଭୀର ଚିନ୍ତାଧାରା କେନ୍ଦ୍ରଗୁଡ଼ିକୁ ବିଚ୍ଛିନ୍ନ କରୁଛୁ । ଆମେ 'ଚିନ୍ତାନାୟକ' (ଝଷସଭଳରକ୍ସସ୍ୱ) ରୁ 'ପ୍ରତିକ୍ରିୟାଶୀଳ' (ଜରବମସ୍ପକ୍ଟକ୍ସସ୍ୱ)କୁ ପରିବର୍ତ୍ତିତ ହେଉଛୁ । ଇଓ ଦିଗ୍‌ବଳୟ ଏବଂ ସାଧାରଣ ବୁଦ୍ଧିମତ୍ତାର ପତନ ଯେତେବେଳେ ଆମେ ଏଆଇ ଯୁଗରେ ପ୍ରବେଶ କରୁଛୁ, ଆଶଙ୍କା ବହୁତ ବାସ୍ତବ: ମାନବୀୟ ସାଧାରଣ ବୁଦ୍ଧିମତ୍ତା (ଐଙ୍କଙ୍କବଭ ଏରଭରକ୍ସବକ୍ଷ ଓଭସ୍ପରକ୍ଷକ୍ଷସଶରଭମର ଐଏଓ)ର ହ୍ରାସ ସାମାଜିକ ପତନ ଘଟାଇବ । ଐଏଓହେଉଛି ସେହି ଶକ୍ତି, ଯାହା ଆମକୁ ନୂଆ ସମସ୍ୟାର ସମାଧାନ କରିବାକୁ ଶିଖାଏ । ଯଦି ଆଜିର ପିଲାମାନେ ନିଜେ ବିଶ୍ଳେଷଣ କରିବା ଛାଡ଼ିଦେବେ, କାରଣ ଏଆଇ ସେମାନଙ୍କୁ ସେକେଣ୍ଡରେ ଉତ୍ତର ଦେଇଦେଉଛି, ତେବେ ଆମେ ନିଜର ନେତୃତ୍ୱ ନେବାର ଶକ୍ତି ହରାଇବା । ଯେଉଁ ସମାଜ ସର୍ଚ୍ଚ ରେଜଲ୍ଟ ବାହାରେ ଚିନ୍ତା କରିପାରେନାହିଁ, ସେ ପରିବେଶ, ଅର୍ଥନୀତି କିମ୍ବା ନୈତିକ ସଙ୍କଟର ସମାଧାନ କରିପାରିବ ନାହିଁ । ଯେତେବେଳେ 'ଉପଭୋକ୍ତା' ନିଜର 'ଉପକରଣ' ଠାରୁ କମ୍ ବୁଦ୍ଧିମାନ ହୋଇଯାଏ, ସେତେବେଳେ ସଭ୍ୟତାର ପତନ ଘଟେ । ଆମେ ଏପରି ଏକ ଭବିଷ୍ୟତର ସାମ୍ନା କରୁଛୁ ଯେଉଁଠି ମଣିଷ ଏଆଇ'ର ମାଲିକ ନୁହେଁ, ବରଂ ଜଣେ ଅସହାୟ ଯାତ୍ରୀ ହୋଇ ରହିଯିବ । ଉପସଂହାର: 'ଧୀର' କଲମର ଜ୍ଞାନ (ଝଷର ଉସସ୍ୱୟକ୍ଟଙ୍କ କ୍ଟଲ ସ୍ପଷର 'ଝକ୍ଷକ୍ଟଙ୍ଗ' ଚରଭ) ଏହା ଟେକ୍ନୋଲୋଜି ବିରୁଦ୍ଧରେ ଏକ ଯୁଦ୍ଧ ନୁହେଁ । ଏହା ଜ୍ଞାନର ଏକ ଆହ୍ୱାନ । ଆମେ ଆମର ଧୀର, ଜୈବିକ ମସ୍ତିଷ୍କକୁ କ୍ଷୀପ୍ର ସିଲିକନ୍ ମେସିନ୍ ପରି କାମ କରିବାକୁ ବାଧ୍ୟ କରିବା ଉଚିତ୍ ନୁହେଁ । ଆମର ଶିକ୍ଷା ବ୍ୟବସ୍ଥାରେ ଆମକୁ 'ସମୟର ଚକକୁ ପଛକୁ ବୁଲାଇବାକୁ' ହେବ । ଏହାର ଅର୍ଥ ହେଉଛି 'ଧୀର କଲମ'ର ପବିତ୍ରତାକୁ ପୁନର୍ଜୀବିତ କରିବା । ଆମକୁ ସେହି ଅସଜଡ଼ା ହାତଲେଖା ନୋଟ୍ସକୁ ସମ୍ମାନ ଦେବାକୁ ହେବ, ଯାହା ମସ୍ତିଷ୍କର ପରିଶ୍ରମର ପ୍ରମାଣ । ଲେଖିବା ବେଳେ ଯେଉଁ ସମୟ ଲାଗେ, ତାହା ମସ୍ତିଷ୍କକୁ ଚିନ୍ତା କରିବାକୁ ସୁଯୋଗ ଦିଏ । କଲମ ହେଉଛି ଭବିଷ୍ୟତ ପାଇଁ ଏକ ସ୍ଥାୟୀ ଆଧାର । କେବଳ ହାତକୁ ଧୀର କରିବା ଦ୍ୱାରା ହିଁ ଆମେ ମନକୁ ପ୍ରକୃତରେ ଗତିଶୀଳ କରିପାରିବା ।

ଯେବେ ଆକାଶ ଖସିପଡ଼େ

ଲୋକକଥା ଅନୁସାରେ, ଥରେ ଗୋଟିଏ କୁକୁଡ଼ା ଗଛ ନିକଟରେ ଥିଲା । ଦୈବାତ ଖଣ୍ଡେ ଶୁଖିଲା କାଠ ତା' ମୁଣ୍ଡ ଉପରକୁ ଖସିପଡ଼ିଲା । ସେ ଆତଙ୍କିତ ହୋଇଗଲା । ଭାବିଲା ଯେ, ଏହା ହେଉଛି ଆକାଶର ଖଣ୍ଡେ । ସେ ନିଶ୍ଚିତ ହେଲା ଯେ, ସାରା ଆକାଶ ଏମିତି ଅଜାଡ଼ି ହୋଇ ପୃଥିବୀରେ ମାଡ଼ି ବସିବ । ଏହା ହେବ ପୃଥିବୀର ଅନ୍ତ । ସେ ଚିନ୍ତାକଲା ଯେ, ଏହି ଚରମ ବିପର୍ଯ୍ୟୟ ସଂପର୍କରେ ରାଜାଙ୍କୁ ଆଗୁଆ ସୂଚାଇବା ନିହାତି ଆବଶ୍ୟକ । ତାହାଲେ ଏଥିରୁ ରକ୍ଷା ପାଇବାକୁ ରାଜା ସତର୍କତାମୂଳକ ପଦକ୍ଷେପ ନେବେ । ତାକୁ ତର ସହିଲା ନାହିଁ । ଏକମୁହାଁ ହୋଇ ଦୌଡ଼ିଲା । ରାସ୍ତାରେ ଅନେକ ଜୀବଜନ୍ତୁ ତାକୁ ଅଣନିଃଶ୍ୱାସୀ ଭାବେ ଧାଉଁଥିବା ଦେଖି କାରଣ ଜାଣିବାକୁ କୌତୂହଳୀ ହେଲେ । କିନ୍ତୁ ସେମାନଙ୍କୁ ବିଶଦ ବିବରଣୀ ଶୁଣାଇବାକୁ ତା' ପାଖରେ ସମୟ ନଥିଲା । ଧାଉଁଥିବା ସମୟରେ ପାଟି କରି କହୁଥାଏ 'ଆକାଶ ମାଡ଼ି ବସୁଛି । ରାଜାଙ୍କୁ ଏହି ବିପତ୍ତି ଜଣାଇବା ଜରୁରି ।' ତାକୁ ଅନୁସରଣ କରି ଗଞ୍ଜା, ବତକ, ବଡ଼ କୁକୁଡା ଇତ୍ୟାଦି ପକ୍ଷୀମାନେ ଅସମ୍ଭାଳ ହୋଇ ଦୌଡ଼ିଲେ । ଦୈବାତ ରାସ୍ତାରେ ଗୋଟିଏ ଚତୁର ବିଲୁଆ ସେମାନଙ୍କ ଅବିରତ କ୍ଷିପ୍ର ଯାତ୍ରା ଦେଖି ପ୍ରକୃତ କାରଣ ବୁଝିନେଲା । ସେମାନଙ୍କୁ ବୁଝାଇଲା ଯେ, ଏମିତି ଧଇଁସଇଁ ହୋଇ ଯିବା ଅଯଥାରେ ଦେହକୁ କଷ୍ଟ ଦେବା କଥା । ରାଜାଙ୍କୁ ଭେଟିବାକୁ ତା' ପାଖରେ ସହଜ ଉପାୟ ଅଛି । ସେମାନଙ୍କୁ ସାମୂହିକ ଭାବେ ସେ ଏହା ବତାଇବାକୁ ଚାହୁଁଛି । ତା' କଥା ମାନି ପକ୍ଷୀଦଳ ତା' ପଛେ ପଛେ ଯାଇ ତା' ଗୁମ୍ଫାରେ ପହଞ୍ଚିଲେ । ଧୂର୍ତ୍ତ ବିଲୁଆଟିକୁ ଅନେକ ଦିନ ଧରି କୁକୁଡ଼ାମାଂସର ଭରପୂର ଆହାର ଏହି ପ୍ରକାରେ ପ୍ରାପ୍ତ ହେଲା । କେହି କେହି କହିପାରନ୍ତି ଯେ, କୁକୁଡ଼ା ଗୋଟିଏ ଭୟାଳୁ ଜୀବ । ତେଣୁ କୁକୁଡ଼ା-ଦଳ ଏମିତି ଘଟଣାସ୍ଥଳରୁ ପଳାୟନ କଲେ । ଅବଶ୍ୟ ଭୟ ହେଉଛି ଏହି ଦୌଡ଼ ପାଇଁ ଦାୟୀ । ଏହାର ଅର୍ଥ ନୁହେଁ ଯେ, ସେମାନେ ଶାରୀରିକ ଦୃଷ୍ଟିରୁ ଦୁର୍ବଳ । କମ୍‌ତ ବପୁବିଶିଷ୍ଟ ହେବା ସତ୍ତ୍ୱେ ସେମାନେ ବୁଦ୍ଧିମାନ । ଏହି ଦୌଡ଼ ଦୁର୍ବଳତା ନୁହେଁ, ବରଂ ବୁଦ୍ଧିମତ୍ତା । ଅନ୍ୟମାନଙ୍କ ଶିକାର ନହେବା ପାଇଁ ସେମାନେ ଦୌଡ଼ି ପଳାନ୍ତି ବା ଲୁଚିଯାନ୍ତି । ପୁଣି ସେମାନଙ୍କ ବଂଶଜ ଗଞ୍ଜାମାନେ ଲଢ଼େଇ କରିବାପାଇଁ ଆଗଭର ହେବା କଥା ଆମେ ଜାଣୁ । ସେମାନେ ଯୁଦ୍ଧକ୍ଷେତ୍ରରୁ ଛତ୍ରଭଙ୍ଗ ଦେଇନଥାନ୍ତି । କିନ୍ତୁ ଆମେ ସେମାନଙ୍କୁ ଦୁର୍ବଳ ବୋଲି ଆଖ୍ୟା ଦେଇ ସେମାନଙ୍କ ଚରିତ୍ର ସଂହାର କରୁଛୁ । ଅଷ୍ଟ୍ରେଲିଆନ ରାଇଟରସ ସେଟାଂରର ଆଲୋଚନାରୁ ଜଣାଯାଏ ଯେ, କୁକୁଡ଼ାକୁ ଭିତ୍ତିହୀନ ଓ ଅଣ-ବୈଜ୍ଞାନିକ ଭାବେ ବଦନାମ କରାଯାଉଛି । (ସୂତ୍ର: ଡିନ କୁରେ, କୋରା) ପାଶ୍ଚାତ୍ୟ ଦେଶରେ ଚଉଦ ଶତାବ୍ଦୀରେ ଏମିତି ଧାରାର ପ୍ରାରମ୍ଭ ହୋଇଥିଲା । ଫଳରେ ଭୀରୁମାନଙ୍କୁ ଚିକେନ- ହାର୍ଟେଡ଼, ସ୍ତ୍ରୀ'ଦ୍ୱାରା ବଶୀଭୂତ ସ୍ୱାମୀକୁ ହେନପେକଡ଼ ବୋଲି ଆଖ୍ୟା ଦିଆଯାଉଛି । କିନ୍ତୁ ଏହା ନିରାଧାର । ବାସ୍ତବରେ ସେମାନେ ଶାରୀରିକ ଦୌର୍ବଲ୍ୟ ଯୋଗୁଁ ପଳାୟନପନ୍ଥୀ ହୋଇନଥିଲେ । ତାହେଲେ ଏହା ପଛରେ କ'ଣ କାରଣ ହୋଇପାରେ ? ଏହାର ଉତ୍ତର ହେଉଛି ସେମାନଙ୍କ ମାନସିକତା । ଯଦି ଆହତ କୁକୁଡ଼ାଟି କୌତୂହଳୀ ହୋଇ ଧୈର୍ଯ୍ୟର ସହ ପରିସ୍ଥିତିକୁ ଲକ୍ଷ୍ୟ କରିଥାନ୍ତା, ତେବେ ସେ ସହଜରେ ବୁଝିପାରିଥାନ୍ତା ଯେ, ଆକାଶ ତା' ମୁଣ୍ଡ ଉପରେ ଲଦିହେବନାହିଁ । ତା'ପରେ ସେ ଆଶ୍ୱସ୍ତ ହୋଇ ଶାନ୍ତିରେ ନିଃଶ୍ୱାସ ମାରିଥାନ୍ତା । ତଥାପି ଏହା ଅସ୍ୱୀକାର କରିହେବ ନାହିଁ ଯେ, ଆକାଶରୁ ବସ୍ତୁ ପୃଥିବୀରେ ଭୂପତିତ ହୋଇଥାଏ । ତେଣୁ ବିଶେଷ ପରିସ୍ଥିତିରେ ଆତ୍ମରକ୍ଷାତ୍ମକ ପଦକ୍ଷେପ ନେବା ଉଚିତ । ବିଶ୍ୱସ୍ତରରେ ଏବଂ ସ୍ଥାନୀୟ ଭାବେ ବ୍ୟକ୍ତିଗତ ଓ ସାମୂହିକ ପ୍ରଚେଷ୍ଟାରେ ସମ୍ଭାବ୍ୟ ବିପଦରୁ ବର୍ତ୍ତିବା ଅବଶ୍ୟ ଗୋଟିଏ ବଡ଼ ସମସ୍ୟା । ଆକାଶ ସଂପର୍କରେ ଚିନ୍ତା କରିବାବେଳେ ବିଭିନ୍ନ ଘଟଣାବଳୀ ଆମ ମନକୁ ଆନ୍ଦୋଳିତ କରିଥାଏ । ଆକାଶସ୍ଥ ବା ଆକାଶୀୟ ପିଣ୍ଡ (ହେଭେନ୍ ?ଲି ବଡି) ମଧ୍ୟରେ ଆମେ ଜାଣିଛେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ, ନକ୍ଷତ୍ର, କ୍ଷୁଦ୍ରଗ୍ରହ (ଏଷ୍ଟିରଏଡ), ଧୂମକେତୁ (କମେଟ), ଆକାଶଗଙ୍ଗା (ମିଲ୍‌କି ୱେ) ଇତ୍ୟାଦି । ଖଗୋଳୀୟ ଘଟଣାବଳୀ ମଧ୍ୟରେ ଅନ୍ତର୍ଭୁକ୍ତ ସୂର୍ଯ୍ୟୋପରାଗ, ଚନ୍ଦ୍ରଗ୍ରହଣ, ଉଲ୍‌କାପାତ (ମେଟିଅର ସାୱାର), ଖଣ୍ଡ ବିଖଣ୍ଡିତ ତାରା (ସୁଟିଂ ଷ୍ଟାର), ପ୍ଲାନେଟ ପେରେଡ଼ (କେତେକ ଗ୍ରହ ଗୋଟିଏ ସରଳରେଖାରେ ରହିବା ସ୍ଥିତି, ଯାହାର ଦୃଷ୍ଟାନ୍ତ ୨୮ ଫେବ୍ରୁଆରୀ ୨୦୨୬ ଛଅଟି ଗ୍ରହର ସମ୍ଭାବିତ ସମାବେଶ), ଆରୋରା ବା ଧ୍ରୁବୀୟ ଜ୍ୟୋତି, ଆଜିକାଲି ଯନ୍ତ୍ରଦ୍ୱାରା ଦୃଶ୍ୟମାନ କୃତ୍ରିମ ଗ୍ରହର ଚଳନ ଇତ୍ୟାଦି । ଏମାନଙ୍କ ମଧ୍ୟରୁ ଯେଉଁ କେତୋଟି ଆକାଶୀୟ ପିଣ୍ଡ ଉପରେ ବିଶେଷ ଆଲୋଚନା କରାଯାଇପାରେ, ତାହା ହେଉଛି ଧୂମକେତୁ ବା ଲଞ୍ଜାତାରା, ଗ୍ରହାଣୁ ବା କ୍ଷୁଦ୍ରଗ୍ରହ ଏବଂ ଉଲ୍‌କା ଓ ଉଲ୍ ?କାପିଣ୍ଡ । ଜନଜୀବନ ସହ ଏମାନଙ୍କ ସଂପୃକ୍ତି ଉଲ୍ଲେଖନୀୟ । ଗୋଟିଏ ଦୃଷ୍ଟାନ୍ତ ଭାବେ ଧୂମକେତୁକୁ ନିର୍ବାଚନ କରାଯାଇପାରେ । ଏହା ହେଉଛି ଏକ ପୁଚ୍ଛଯୁକ୍ତ ତାରା, ଯାହା ସୂର୍ଯ୍ୟ ଚାରିପଟେ ଘୂରୁଥିବା କିଛି ଅସ୍ୱଚ୍ଛ ପଦାର୍ଥ । ସାଧାରଣତଃ ଏହା ବରଫ, ଧୂଳି ଏବଂ ହିମ ଶୀତଳ ଗ୍ୟାସଦ୍ୱାରା ଗଢ଼ିଉଠିଛି । ତେଣୁ ଏହା ଡାର୍ଟି ସ୍ନୋବଲ ବା 'ଡାର୍ଟ ଆଇସବଲ' ଭାବେ ନାମିତ । ଆମ ବାୟୁମଣ୍ଡଳରେ ପ୍ରବେଶ କରିବାବେଳେ ଘର୍ଷଣ ଓ ଉତ୍ତାପ ଯୋଗୁଁ ବାଷ୍ପୀଭୂତ ହୋଇଯିବାରୁ ସେମାନେ ସାଧାରଣତଃ ଅକ୍ଷତ ଭାବେ ପୃଥିବୀପୃଷ୍ଠରେ ପ୍ରବେଶ କରିପାରିନଥାନ୍ତି । ଏହାକୁ ଏକ ଅଶୁଭ ସଂକେତ ବୋଲି ବିଚାର କରାଯାଏ । ଏହା ପଛରେ ଐତିହାସିକ ଦୃଷ୍ଟାନ୍ତ ଭୁଲ୍‌ବଶତଃ ଅଦ୍ୟାବଧି ତିଷ୍ଠିରହିଛି । ଦୀର୍ଘକାଳୀନ ଭୟଙ୍କର ହିଂସା, ପ୍ଲେଗ, ମରୁଡ଼ି ତଥା ସାଂପ୍ରଦାୟିକ ଖ୍ରୀଷ୍ଟୀୟ ଧର୍ମଯୁଦ୍ଧ (୧୬୧୮- ୧୬୪୮) ଦୀର୍ଘ ତିରିଶ ବର୍ଷ ଧରି ଚାଲିଥିଲା । ଏଥିରେ ସାଢ଼େ ଚାରିରୁ ଆଠ ନିୟୁତ ଲୋକ ପ୍ରାଣ ହରାଇଥିଲେ । 'ପବିତ୍ର ରୋମାନ ସାମ୍ରାଜ୍ୟ'ରେ ସଂଘଟିତ ଉକ୍ତ ବିନାଶକାରୀ ଘଟଣାର କାରଣ ଭାବେ ସେତେବେଳେ ପରିଦୃଷ୍ଟ ସି/ ୧୬୧୮ ଡବ୍ଲୁ ୱାନ (ଦି ଗ୍ରେଟ କମେଟ ଅଫ ୧୬୧୮)କୁ ଦାୟୀ କରାଗଲା । ଏହା ଈଶ୍ୱରଙ୍କ ଦଣ୍ଡଭାବେ ପ୍ରଚାରିତ ହେଲା । କିନ୍ତୁ କାରଣ ଅନ୍ୟତ୍ର । ଜନସାଧାରଣଙ୍କ ମତରେ ଦୋଷୀ ହେଲେ ଧୂମକେତୁ ଓ ସ୍ରଷ୍ଟା ଈଶ୍ୱର । କହିବା ବାହୁଲ୍ୟ ଯେ, ଏହି ଅତି ଉଜ୍ଜ୍ୱଳ ଧୂମକେତୁ ଖାଲିଆଖିରେ ଦେଖାଯାଉଥିଲା । କିନ୍ତୁ ଏହା ପୃଥିବୀକୁ ସ୍ପର୍ଶ କରିନଥିଲା । ତଥ୍ୟାନୁସାରେ, ୨୫ ନଭେମ୍ବର ୧୬୧୮ରେ ଆବିଷ୍କୃତ ଉକ୍ତ ଲଞ୍ଜାତାରାଟି ୬ ଡିସେମ୍ବର ୧୬୧୮ରେ ପୃଥିବୀର ନିକଟତମ ଦୂରତାରେ ପହଞ୍ଚି ଥିଲା, ଯାହା ହେଉଛି ସୁଦୀର୍ଘ ୫୪ ନିୟୁତ କିଲୋମିଟର । ଏତେ ଦୂରରେ ଥିଲେ ମଧ୍ୟ ପୃଥିବୀର ବିଭିନ୍ନ ଉପଦ୍ରବ ପାଇଁ ତାକୁ ଦୋଷ ଦେବା ଆମ ଅଜ୍ଞତାର ସୂଚକ । ଏମିତି କାକତାଳୀୟ ନ୍ୟାୟକୁ ବିଜ୍ଞାନ ପ୍ରତ୍ୟାଖ୍ୟାନ କରେ । ଏହି ମର୍ମରେ ଲୋକକଥାର କୁକୁଡ଼ା ଓ ଆମର ତତ୍କାଳୀନ ଚିନ୍ତାଧାରା ମଧ୍ୟରେ ବିଦ୍ୟମାନ ଅଣବୈଜ୍ଞାନିକ ମନୋଭାବ । ବାସ୍ତବରେ ଏଥିମଧ୍ୟରେ ବିଶେଷ ପ୍ରଭେଦ ନାହିଁ । ଆତଙ୍କିତ ହୋଇ ଆମେ ଯେଉଁ କାରଣ ଦର୍ଶାଉଥିଲେ, ତାହା ସହଜ ହୋଇପାରେ । କିନ୍ତୁ ଭ୍ରମାତ୍ମକ, ତେଣୁ ବର୍ଜନୀୟ । ଏହା ଆମକୁ ଅନୁପ୍ରାଣିତ କରୁ ଯେ, କୌଣସି ପ୍ରାକୃତିକ ଘଟଣାକୁ ଈଶ୍ୱରଙ୍କ ଦଣ୍ଡ ବୋଲି ବିଚାର କରି ବିଶ୍ଳେଷଣରୁ ନିବୃତ୍ତ ହେବା ଏକ ଗୁରୁତର ପ୍ରସଙ୍ଗ । ଏହାର ପ୍ରଭାବରେ ଆମେ କୁସଂସ୍କାରର ଅନ୍ଧାରରୁ ମୁକ୍ତ ହୋଇ ଆଧୁନିକ, ଯୁକ୍ତିସଂଗତ, ବୈଜ୍ଞାନିକ ବାତାବରଣ ସୃଷ୍ଟି କରିପାରିବା ଦୁରୂହ ବ୍ୟାପାର । ଆମେ ଶାରୀରିକ ଭାବେ ଦୁର୍ବଳ ନହେଲେ ସୁଦ୍ଧା ଲୋକକଥାର କୁକୁଡ଼ା ପରି ପଳାୟନ ପନ୍ଥା ଅବଲମ୍ବନ କରି ଅବୋଧ ଓ ଅଜ୍ଞାନୀ ଯେମିତି ନହେବା, ତାହା ଗୁରୁତ୍ୱପୂର୍ଣ୍ଣ । କାହାଣୀରେ କୁକୁଡ଼ା ମରିଯାଇଥିଲା । ତେବେ ସେହି ପ୍ରକାରେ ଆମର କୌତୂହଳ, ଜିଜ୍ଞାସା ଓ ବିଚାରଶକ୍ତି ଯେମିତି ମୃତ ନହେଉ, ତାହା ବାଞ୍ଛନୀୟ ।

ବିକଳ୍ପ ବିଶ୍ୱ : 'ହରପ୍ପା' ସଭ୍ୟତାର ବାଳିକା ନର୍ତ୍ତକୀ

ପ୍ରାକ୍ ଐତିହାସିକ ଯୁଗର ପୁରୁଣା କଥା । ପୁରୁଣାକୁ ଖୋଜିଲେ, ଖୋଳିଲେ, ବୁଝିଲେ ନୂଆ ନୂଆ ତଥ୍ୟ, ସତ୍ୟ, ମତ, ଅଭିମତ ପଦାକୁ ଆସେ । ସେମିତି ସିନ୍ଧୁ ଉପତ୍ୟକାର ହରପ୍ପା ମହେଞ୍ଜୋଦାରୋ ପ୍ରତ୍ନତାତ୍ତ୍ୱିକ ଖୋଦନ ବେଳେ ମିଳିଥିଲା ପ୍ରାୟ ଦଶ ହଜାରରୁ ଅଧିକ ପ୍ରାକ୍ ଐତିହାସିକ ଯୁଗର ଅମୂଲ୍ୟ ନମୁନା । ଆର୍ଯ୍ୟାବର୍ତ୍ତର ଭୂଗୋଳ, ଇତିହାସ, ଉତ୍ପତ୍ତି, ସଭ୍ୟତା, ସଂସ୍କୃତି ସଂପର୍କରେ ବିରଳ ତଥ୍ୟ । ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିଲେ ନା ଭାରତରୁ ବାହାରକୁ ଯାଇଥିଲେ- ସେ ବିଷୟରେ ଚାଲିଥିବା ତର୍କ, ବିତର୍କ ଓ ବିବାଦ ବିତଣ୍ଡାର ଚରିତ୍ର ବଦଳି ଯାଇଥିଲା । ଯେଉଁ ଘଟଣାଟି ଐତିହାସିକମାନଙ୍କୁ ମତ ପରିବର୍ତ୍ତନ ପାଇଁ ବାଧ କରିଥିଲା, ତାହା ଥିଲା- ମାଟି ତଳେ ପୋତି ହୋଇ ରହିଥିବା ନୃତ୍ୟ ମୁଦ୍ରାରେ ଜଣେ ବାଳିକାର କାଂସ୍ୟ ମୂର୍ତ୍ତି । ସିନ୍ଧୁ ସଭ୍ୟତାର ମୂଳପୀଠ ହରପ୍ପା ମହେଞ୍ଜୋଦାରୋରୁ ଆବିଷ୍କୃତ ଏହି ବ୍ରୋଞ୍ଜ ଧାତୁ ନିର୍ମିତ ମୂର୍ତ୍ତିଟିର ଉଚ୍ଚତା ପ୍ରାୟ ସାଢ଼େ ଚାରି ଫୁଟ । ନର୍ତ୍ତକୀର ଶରୀରରେ ନ ଥିଲା ବସ୍ତ୍ର । ଶରୀର ଗଠନ, ମୁଖ ଓ 'ନାସା'ର ଆକୃତି ପ୍ରକୃତିରୁ ଅନୁମାନ କରାଗଲା ସେ ବୋଧହୁଏ ଏକ ସୁନ୍ଦରୀ, ଚେପ୍ ?ଟା ନାକୀ, ଆଦିବାସୀ କିଶୋରୀ ହୋଇଥିବେ । ପୂରା ହାତରେ ଥିଲା କଂସାର ଚୁଡ଼ି । ଗୋଟିଏ ହାତ ଅଟାଂ ଓ ଆରଟି ଜଂଘ ଉପରେ ସ୍ଥାପିତ । ନାଭି ତଳକୁ ଦୀର୍ଘ ବଳିଷ୍ଠ ଜନନେନ୍ଦ୍ରିୟ, ଉନ୍ନତ ବକ୍ଷ ଓ ବେକରେ ପତଳା କାଂସ୍ୟ ମାଳ । ବାମ ହସ୍ତରେ ଚବିଶ ପଟ ଚୁଡ଼ି ଓ ଦକ୍ଷିଣ ହସ୍ତରେ ଚାରି ପଟ । ମୁଦ୍ରା, ଢଙ୍ଗ, ହାବଭାବ ଓ ଅଙ୍ଗ ବିନ୍ୟାସରୁ ଜଣାପଡୁଥିଲା ଜଣେ ପୋଖତ, ପେସାଦାର ନୃତ୍ୟାଙ୍ଗନା ହୋଇଥିବେ । ପ୍ରତ୍ନତତ୍ତ୍ୱବିତ୍ ମହଲରେ ଚହଳ ସୃଷ୍ଟି କରିଥିବା ଏହି ଧାତୁ ନିର୍ମିତ ମୂର୍ତ୍ତିକୁ କୁହାଗଲା 'ଡାନ୍‌ସିଙ୍ଗ ଗାର୍ଲ' ବା 'ନୃତ୍ୟରତା ବାଳିକା' । ଏହା ଆଉ ଥରେ ପ୍ରମାଣିତ କଲା ଭାରତୀୟ ଆର୍ଯ୍ୟ ସଭ୍ୟତା କାଂସ୍ୟଯୁଗ ଠାରୁ ପୁରୁଣା । ଆର୍ଯ୍ୟମାନେ ପ୍ରବାସୀ ନୁହନ୍ତି, ଦେଶୀ । ଦିଲ୍ଲୀ ରାଷ୍ଟ୍ରୀୟ ସଂଗ୍ରହାଳୟ ଓ ପାକିସ୍ତାନ ଲାହୋରସ୍ଥିତ ସଂଗ୍ରହାଳୟରେ ଏହିପରି ବହୁ ପ୍ରମାଣ ରହିଚି । ଅନେକ ଧାତୁ ନିର୍ମିତ ମୂର୍ତ୍ତିର ବଡ଼ ବଡ଼ ଆଖି, ଲମ୍ବା ହାତ, କୁଞ୍ଚିକୁଞ୍ଚିଆ କେଶ, ବନ୍ଧା ବେଣୀ । ଏ ସବୁର ଉତରାଧିକାର ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦର ସମାଧାନ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ହରପ୍ପା ସିନ୍ଧୁ ସଭ୍ୟତା ବଞ୍ଚି ରହିଥିଲା ପ୍ରାୟ ୭୦୦ ବର୍ଷ । ଏହା ପରେ ଲଗାତର ମରୁଡ଼ି, ଦୁର୍ଭିକ୍ଷ ଓ ଅନ୍ୟାନ୍ୟ କାରଣରୁ ଏହି ପ୍ରାଚୀନ, ପ୍ରାକ୍ ଐତିହାସିକ ସଭ୍ୟତା କ୍ରମେ ଲୋପ ପାଇଥିଲା । ବିଶେଷଜ୍ଞମାନେ କହନ୍ତି, ଆଜିକୁ ୨୦,୦୦୦ରୁ ୪୫,୦୦୦ ବର୍ଷ ପୂର୍ବେ ପୃଥିବୀର ଅଧିକାଂଶ ଲୋକ ଦକ୍ଷିଣ ଏସିଆରେ ରହୁଥିଲେ । ୧୯୨୦ ମସିହାରେ ଲୁପ୍ତ ସିନ୍ଧୁ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଖୋଦନ ଆରମ୍ଭ ହୋଇଥିଲା ଓ ଅନେକ ନୂଆ ନୂଆ ମୂଲ୍ୟବାନ ତଥ୍ୟ ଲୋକଲୋଚନକୁ ଆସିଥିଲା । ଏକବିଂଶ ଶତାବ୍ଦୀର ଆରମ୍ଭରେ ଡି.ଏନ୍.ଏ. ବା ଜୀବଦେହ ଗଠନ ଓ କ୍ରିୟାକଳାପ ସଂପର୍କରେ ଅଧିକ ଗବେଷଣାଲବ୍ଧ ଜ୍ଞାନ ଦ୍ୱାରା ଜଣାପଡ଼ିଲା ସମଗ୍ର ଜୀବଜଗତ୍ ଗୋଟିଏ ସୂତ୍ରରେ ବନ୍ଧା ଓ ଗୋଟିଏ ମା'ର ସନ୍ତାନ । ଜନସଂଖ୍ୟା ବିଜ୍ଞାନ ଏହାକୁ ଚାରି ପ୍ରକାରରେ ବିଭକ୍ତ କରିଚି: ପ୍ରଥମ ପ୍ରକାରଟି ହେଉଛି 'ମାଇଗ୍ରେସନ୍' ବା ସ୍ଥାନାନ୍ତର ବା ବାହ୍ୟାଂଚଳ ଗମନ । ଏହାର କାରଣ ଥିଲା ବାରମ୍ବାର ଜଳବାୟୁ ଓ ଋତୁ ପରିବର୍ତ୍ତନ । ଏହା ୭୦ ହଜାର ବର୍ଷ ପୂର୍ବେ ଘଟିଥିଲା । ଏହି ସମୟରେ ଅନେକ ଆଫ୍ରିକୀୟ ଲୋକ ମଧ୍ୟପ୍ରାଚ୍ୟ, ଆରବ ଓ ଏସିଆକୁ ପଳାଇ ଆସିଥିଲେ । ଷାଠିଏ ହଜାର ବର୍ଷ ପୂର୍ବେ ସେମାନେ ଭାରତରେ ପହଞ୍ଚି ଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଥିଲା ହିମ ଯୁଗ, ପ୍ରାୟ ୧୨-୧୫ ହଜାର ବର୍ଷ । ଏହା ପରେ ଜଳବାୟୁ କ୍ରମେ ଉଷ୍ମ ହେବାରୁ ଲୋକେ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ । ଉଦାହରଣ ସ୍ୱରୂପ ଭାରତ, ଚାଇନା, ଇଜିପ୍ଟ ଓ ମେସୋପଟାମିୟା ଅଂଚଳରେ ଆରମ୍ଭ ହୋଇଥିଲା ଶସ୍ୟ ଉତ୍ପାଦନ ଓ ବସବାସ । ତା' ସହିତ କ୍ରମାଗତ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା ଏବଂ ସେମାନଙ୍କୁ ଧାରଣ କରିବା ଲାଗି ଅଧିକରୁ ଅଧିକ ନାତିଶୀତୋଷ୍ଣ କୃଷି ସହାୟକ ଜଳବାୟୁ ଅଂଚଳ ସାମିଲ ହୋଇଥିଲେ । କୁହାଯାଏ, ଆବଶ୍ୟକତା ଆବିଷ୍କାରର ଜନନୀ । ଏହି ପ୍ରକ୍ରିୟାରେ କୃଷି ଯୋଗ୍ୟ ଅଂଚଳ ଓ ଜନସଂଖ୍ୟା ବଢ଼ି ବଢ଼ି ଏସିଆକୁ ଅନ୍ତର୍ଭୁକ୍ତ କଲା ଓ ତା' ପରେ ୟୁରୋପର ପାଳି ନ'ହଜାର ବର୍ଷ ପୂର୍ବେ । ସେମିତି ଚାଇନାରେ ଆରମ୍ଭ ଦେଶାନ୍ତର ଗମନ କ୍ରମେ ପ୍ରଶାନ୍ତ ମହାସାଗର ଓ ଦକ୍ଷିଣ ପୂର୍ବ ଏସୀୟ ଦ୍ୱୀପପୁଞ୍ଜ ଡେଇଁ ପହଞ୍ଚିଲା ଅଷ୍ଟ୍ରେଲିଆ ଅଂଚଳରେ । ଜଳବାୟୁ, ସ୍ଥାନ ତ୍ୟାଗ, ଦେଶାନ୍ତର ଗମନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା କେନ୍ଦ୍ରୀୟ ଏସିଆରେ । ଏହାର ମୁଖ୍ୟ କାରଣମାନଙ୍କରେ ଥିଲା- ଧାତୁ ବିଦ୍ୟା, ଧାତୁରେ ଅସ୍ତ୍ରଶସ୍ତ୍ର ନିର୍ମାଣ କୌଶଳ, ଏବଂ କୃଷି ତଥା ଯୁଦ୍ଧ ପାଇଁ ଗୃହପାଳିତ ପଶୁ ତଥା ଅଶ୍ୱ ଶକ୍ତିର ବ୍ୟବହାର । ଅଶ୍ୱ ଶକ୍ତି ପ୍ରୟୋଗ ଦ୍ୱାରା ଲୋକେ ବିଶ୍ୱର ବିଭିନ୍ନ ଅଂଚଳକୁ ସହଜରେ ଓ ଶୀଘ୍ର ଯାତାୟାତ କରିପାରିଲେ । ରାଜା, ମହାରାଜାମାନେ ଦିଗ୍‌ବିଜୟ କରି ନୂଆ ସାମ୍ରାଜ୍ୟ ପ୍ରତିଷ୍ଠା କଲେ । ଆଲେକ୍‌ଜାଣ୍ଡର ଓ ଚେଙ୍ଗିଜ ଖାଁଙ୍କ ଭଳି ଶାସକମାନେ ସାମ୍ରାଜ୍ୟ ବିସ୍ତାର କଲେ । କ୍ରମେ ଅଜଣା ଭୂଖଣ୍ଡ ଆବିଷ୍କାର ଲାଗି ସାମୁଦ୍ରିକ ଅଭିଯାତ୍ରା ଆରମ୍ଭ ହେଲା । କଂପାନିମାନେ ଉପନିବେଶ ସ୍ଥାପନ କଲେ । ମିଳାମିଶା ତଥା ଭାବର ଆଦାନପ୍ରଦାନ ବଢ଼ିଲା । ଭାଷା, ସଂସ୍କୃତି ପ୍ରଭାବିତ ହେଲା ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁସାରେ ଦାୟୀ । ସମସ୍ତ ବିବାଦ ରାଉରକେଲା ନ୍ୟାୟାଳୟର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଏମ୍.ସି.ଏଲରେ କୋଲ୍ ଇଣ୍ଡିଆ ଇଟଂର-କମ୍ପାନୀ ଲନ୍ ଟେନିସ୍ ଟୁର୍ଣ୍ଣାମେଟସର ଶୁଭାରମ୍ଭ

ସମ୍ବଲପୁର,୧୭/୩(ନି/ପ୍ର) :ସମ୍ବଲପୁରସ୍ଥିତ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍ସିଏଲ୍) ମୁଖ୍ୟାଳୟରେ କୋଲ ଇଣ୍ଡିଆ ଇଟଂର-କମ୍ପାନୀ ଲନ ଟେନିସ୍ ଟୁର୍ଣ୍ଣାମେଟଂ ୨୦୨୫-୨୬ ଉତ୍ସାହଜନକ ଭାବେ ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ୧୬ ରୁ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ହେବାକୁ ଥିବା ଏମସିଏଲ ଦ୍ୱାରା ଆୟୋଜିତ ଏହି ତିନି ଦିବସୀୟ ଟୁର୍ଣ୍ଣାମେଟଂରେ ବିଭିନ୍ନ କୋଇଲା କମ୍ପାନୀର ପ୍ରତିଭାବାନ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ଶ୍ରୀ ପି.କେ. ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) , ଶ୍ରୀ ଏ.କେ. ବେହୁରା ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀ ଏସ. କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଉଦଘାଟନୀ ମ୍ୟାଚ୍ ଖେଳି ଟୁର୍ଣ୍ଣାମେଟଂକୁ ଉଦଘାଟନ କରିଥିଲେ। ତ୍ରୀଦିବସୀୟ ଏହି ଟୁର୍ଣ୍ଣାମେଟଂରେ କୋଲ ଇଣ୍ଡିଆ ଲିମିଟେଡର ଏବଂ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଅନୁଷଙ୍ଗୀ କମ୍ପାନୀ ତଥା ନର୍ଦ୍ଦନ କୋଲଫିଲ୍ଡସ୍ ଲିମିଟେଡ୍ (ଏନସିଏଲ), ସେଣ୍ଟ୍ରାଲ କୋଲଫିଲ୍ଡସ୍ ଲିମିଟେଡ୍ (ସିସିଏଲ), ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଏସଇସିଏଲ), ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍ ଲିମିଟେଡ୍ (ସିଏମପିଡିଆଇ), ୱେଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଡବ୍ଲୁସିଏଲ), ଭାରତ କୋକିଂ କୋଲ ଲିମିଟେଡ୍ (ବିସିସିଏଲ), ସିଙ୍ଗାରେନି କୋଲିୟାରୀଜ୍ କମ୍ପାନୀ ଲିମିଟେଡ୍ (ଏସସିସିଏଲ) ଏବଂ ଆୟୋଜକ ଦଳ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ର ମୋଟ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଟଂ କୋଲ୍ ଇଣ୍ଡିଆ ପରିବାରର କର୍ମଚାରୀମାନଙ୍କୁ ସେମାନଙ୍କ କ୍ରୀଡ଼ା ପ୍ରତିଭା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ପ୍ରଦର୍ଶନ କରିବା ପାଇଁ ଏକ ମଟଂ ପ୍ରଦାନ କରିବ, ଏବଂ ବିଭିନ୍ନ କୋଇଲା କମ୍ପାନୀ ମଧ୍ୟରେ ବନ୍ଧୁତା, ଦଳଗତ ଭାବନା ଏବଂ ସମନ୍ୱୟକୁ ମଧ୍ୟ ସୁଦୃଢ଼ କରିବ।

ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ପ୍ରାନ୍ତୀୟ ଅଧିବେଶନ ଶିଖର-୨୦୨୬

ସମ୍ବଲପୁର,୧୭/୩(ନି/ପ୍ର): ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ । ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ। ରବିବାର ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ଅଧିବେଶନ "ଶିଖର-୨୦୨୬" ରେ ଯୋଗଦେଇ ଏହିପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତର ପ୍ରାଚୀନ ସଭ୍ୟତା ଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ, ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ ସେ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ ଏକ ନୂତନ ଦିଗଦର୍ଶନର ମଂଚ। ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି ସମାଜର ବିଶେଷ ଅବଦାନ ଓ ଦାୟିତ୍ୱ ରହିଛି। ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଆଗେଇ ନେବାରେ ମାରୱାଡି ସମାଜର ଯଥେଷ୍ଟ ଅବଦାନ ରହିଛି। ଅତୀତରେ ସୋମନାଥ ମନ୍ଦିର ଉପରେ ଆକ୍ରମଣ ଓ ଗୁଲାମୀ କାରଣରୁ ଆମେ ଆମର ଅନେକ ଗୌରବମୟ ଇତିହାସ ଭୁଲିଯାଇଥିଲେ। ମାତ୍ର ବର୍ତ୍ତମାନ ଇତିହାସର ଦର୍ପଣରେ ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତ କରିବାର ସମୟ ଆସିଛି। ବର୍ତ୍ତମାନ ଆମେ ଏପରି ଏକ ସମୟରେ ଉପନୀତ ହୋଇଛେ, ଯେଉଁଠି ଆମର ଲକ୍ଷ୍ୟ ହୋଇଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଦାୟିତ୍ୱ ନେବାକୁ ହେବ। ବିକଶିତ ଭାରତର ସ୍ୱପ୍ନ ବିକଶିତ ଓଡ଼ିଶା ବିନା ପୂରଣ ହୋଇପାରିବ ନାହିଁ । ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଓଡ଼ିଶାର ୫୦ ହଜାରରୁ ଅଧିକ ଥିବା ଗାଁକୁ ବିକଶିତ କରିବାକୁ ହେବ। ଯଦି ସମାଜର ଇଞ୍ଜିନ ଅର୍ଥାତ୍ ନେତୃତ୍ୱ ଓ ଅର୍ଥନୀତି ଶକ୍ତିଶାଳୀ ହୁଏ, ତେବେ ବିକାଶର ଗତି ଦ୍ରୁତ ହେବ। ତେଣୁ ଏ ଦିଗରେ ମାରୱାଡି ସମାଜ ମଧ୍ୟ ରେଳଡବାର ଇଞ୍ଜିନ ବୃହତର ଦାୟିତ୍ୱ ନେବା ଆବଶ୍ୟକ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରେ ଅନେକ ସମ୍ଭାବନା ରହିଛି, ତେଣୁ ଏହାକୁ ଏକ 'ଏଜୁକେସନ ହବ୍' ଓ 'ଇକୋନୋମିକ ଜୋନ୍' ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସାମୂହିକ ଆବଶ୍ୟକତା ରହିଛି। ସେହିପରି ସେ କହିଥିଲେ, ଭାରତର ପ୍ରକୃତ ପୁଞ୍ଜି ହେଉଛି 'ଜ୍ଞାନ'। ପାଠପଢାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ମାରୱାଡି ସମାଜକୁ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ଏବଂ ବିଶେଷ ପର୍ବ ପର୍ବାଣୀ ବା ଦିନମାନଙ୍କର ଅଙ୍ଗନବାଡ଼ି ଭଳି ଛୋଟ ଛୋଟ ପିଲାମାନଙ୍କୁ ଫଳ ଓ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖାଦ୍ୟରେ ତେଲର ବ୍ୟବହାର ହ୍ରାସ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

ପିଏମ୍ ଶ୍ରୀ ମହାରାଜା ହାଇସ୍କୁଲଠାରେ ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର,୧୭/୩(ନି/ପ୍ର): ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ସୋନପୁରର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ, ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କ ସଭାପତିତ୍ୱ ରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇ ସମୟାନୁବର୍ତ୍ତିତା ଓ ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଜାତୀୟ ଶିକ୍ଷାନୀତି ୨୦୨୦ର ନୂତନ ଶିକ୍ଷା ପଦ୍ଧତି ଉପରେ ମାର୍ଗଦର୍ଶନ ରଖି ଶିକ୍ଷା, କ୍ରୀଡ଼ା, କଳା ସଂସ୍କୃତି ସବୁ କ୍ଷେତ୍ରରେ ସଫଳତା ହେବାସହ ଆମ ସମାଜ ପାଇଁ ଭଲ ମଣିଷଟିଏ ହୋଇ ନିଜକୁ ଗଢି ତୋଳିବାକୁ ପରାମର୍ଶ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ବାଘ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ସିଆରସିସି ଶ୍ରୀଯୁକ୍ତ ବ୍ରତାନନ୍ଦ

ଶ୍ରୀରାମ ବାଟିକାରେ ଅନୁଷ୍ଠିତ ଅଖଣ୍ଡ ଚବିଶି ପ୍ରହରୀ ନାମଯଜ୍ଞରେ ସାଧୁସନ୍ଥ ଙ୍କ ସେବା କରିବା ସହ ଆଶିର୍ବାଦ ଗ୍ରହଣକଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୧୭/୩(ନି/ପ୍ର:ସିନ୍ଦୁରପଙ୍କ କେନଘାଟି ସ୍ଥିତ ଶ୍ରୀରାମ ବାଟିକାରେ ଅନୁଷ୍ଠିତ ଅଖଣ୍ଡ ଚବିଶି ପ୍ରହରୀ ନାମ ଯଜ୍ଞ ସ୍ଥଳୀରେ ଦୀର୍ଘ ତିନି ଦିନ ଧରି ରହୁଥିବା ସମସ୍ତ ସାଧୁସନ୍ଥ , ମହନ୍ତ, ନାଗାବାବା ଓ ବ୍ରାହ୍ମଣ ମାନଙ୍କୁ 'ଦୁର୍ଲଭ ସେବା' ପ୍ରଦାନ କରାଯାଇଛି । କେନଘଟି ଶ୍ରୀରାମ ବାଟିକା ନାମ ଯଜ୍ଞ ସ୍ଥଳୀ କୁ ପହଚିଂ ସାଧୁସନ୍ଥ ଙ୍କ ସେବା କରିବା ସହ ଆଶିର୍ବାଦ ଗ୍ରହଣ କରିଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମସ୍ତ ସାଧୁ ସନ୍ଥ ଙ୍କୁ ଉଚିତ ଆସନ ପ୍ରଦାନ କରାଯିବା ସହ ସମସ୍ତଙ୍କ ପାଦ ଧୋଇ ପୁଷ୍ପମାଳ, ଚନ୍ଦନ ଓ ସିନ୍ଦୂର ଅର୍ପଣ କରାଯାଇଥିଲା । ସମସ୍ତ ସାଧୁସନ୍ଥ ମାନଙ୍କୁ ଉନ୍ନରୀୟ , ପାଟ ବସ୍ତ୍ର, ସ୍ୱାଦିଷ୍ଟ ମିଷ୍ଟାନ୍ନଆଦି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଶ୍ରୀରାମ ବାଟିକା ନାମଯଜ୍ଞ ମୁଖ୍ୟ ଆୟୋଜକ ଶତ୍ରୁଘନ ଲାଲ ସାହା, ପୁତ୍ର ସିଦ୍ଧାର୍ଥ ସାହା, ପୁତ୍ରବଧୂ ଦେବିଦାନି ସାହା, ନାତୁଣୀ ଶ୍ରୁତି ସାହା ଓ ନାତି ଆଦିତ୍ୟ ସାହା ପ୍ରମୁଖ ଉପସ୍ଥିତ ସାଧୁସନ୍ଥ ଙ୍କ ସେବା ଓ ସମ୍ମାନ କରିଥିଲେ। ଏହାପରେ ଏଠାକୁ ଆସିଥିବା ସହ ସହ ଭକ୍ତ ସାଧୁ ସେବା କରିଥିଲେ। ବିରାଜମାନ ଥିବା ସାଧୁସନ୍ଥ ଙ୍କୁ ଭକ୍ତ ମାନେ ନିଜ ଇଚ୍ଛା ଓ ଶକ୍ତି ଅନୁଯାୟୀ ଦାନ ଦକ୍ଷିଣା ପ୍ରଦାନ କରିଥିଲେ। ଏତେ ସଂଖ୍ୟକ ସାଧୁସନ୍ଥ ଙ୍କୁ ଏଭଳି ସେବା ବିଶ୍ୱରେ ବିରଳ ବୋଲି କହିଛନ୍ତି ମହନ୍ତ ସେକ୍ରେଟାରୀ ନାଗ୍ଵାବା ଶ୍ରୀ ରଘୁବୀର ଦାସ ମହାରାଜ। ସାହା ପରିବାର ପ୍ରତିବର୍ଷ କରୁଥିବା ଏହି ସେବା ଅତ୍ୟନ୍ତ ପୁଣ୍ୟକାରି ହେବ ବୋଲି କହିଚନ୍ତି କୁନ୍ତରା ଋଷିକୁଳ ଆଶ୍ରମ ର ଜୀବନ ବାବା । କୌଣସି ପ୍ରକାର ସେବା ସହଯୋଗ ପାଇଁ ଆମ ପରିବାର ସର୍ବଦା ଉତ୍ସର୍ଗିକୃତ ବୋଲି କହିଛନ୍ତି ଆୟୋଜକ ମୁଖ୍ୟ ସମାଜସେବୀ ଶତ୍ରୁଘନ ଲାଲ ସାହା । ଆୟୋଜିତ ଏହି ସାଧୁ ସେବା ସମାରୋହରେ ପଶ୍ଚିମ ଓଡ଼ିଶା ବୈଷ୍ଣବ ମହାସଂଘ ଅଧକ୍ଷ ମହନ୍ତ ଶ୍ରୀ ହୃଷୀକେଶ ଦାସ ଜି ମହାରାଜ, ମଠପାଲି ରାଣୀମଠ ମହନ୍ତ ଶ୍ରୀ ବାସୁଦେବ ଜି ମହାରାଜ, ଶ୍ରୀକ୍ଷେତ୍ର ଚାନ୍ଦପୁର ମଠ ମହନ୍ତ ଶ୍ରୀ ରାଧାଚରଣ ଜି ମହାରାଜ, ମହନ୍ତ ସେକ୍ରେଟାରୀ ନାଗା ବାବା ଶ୍ରୀ ରଘୁବିର ଦାସ ମହାରାଜ, ମଧ୍ୟପ୍ରଦେଶ ଛତରପୁର ନାଗାବାବା ରାଜେଶ ପୁରୀ ଜି, ଚମ୍ବଲ ପିଠାଧିଶ୍ୱର ଶ୍ରୀ ସୁନ୍ଦର ଦାସ ଜି ମହାରାଜ , ଋଷିକୁଳ ଆଶ୍ରମ ର ଜୀବନ ବାବା ଙ୍କ ସମେତ ଶତାଧିକ ନାଗାବାବା, ବ୍ରାହ୍ମଣ, ପଣ୍ଡିତ, ମହନ୍ତ ଆଦି ଙ୍କୁ ଭକ୍ତିପୂତ ସେବା ପ୍ରଦାନ କରଯାଇଥିଲା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ, ଜିଲ୍ଲା ବିଜେପି ସଭାପତି ରାମ ଚନ୍ଦ୍ର ମେହେର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ ପ୍ରମୁଖ ପହଚିଂ ସାଧୁସନ୍ଥ ଙ୍କ ଆଶିର୍ବାଦ ଗ୍ରହଣ କରିଥିଲେ ।

ପଡିଆବାହଲରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଶେଷ ସତ୍‌ସଙ୍ଗ

ସମ୍ବଲପୁର,୧୭/୩(ନି/ପ୍ର): ପଡିଆବାହାଲ ସ୍ଥିତ ବେହେରା କଲ୍ୟାଣ ମଣ୍ଡପ ଠାରେ ପରମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଶେଷ ସତସଙ୍ଗ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ବାମରାର ବିମଲ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଷଣ୍ଡ, ଶଗରା ଆଗତ କିରନ ସାହୁ, ଜୁନିଅର ସାହୁ ଭଜନ କୀର୍ତ୍ତନ କରିଥିଲେ ।ସମ୍ମାନୀୟ ଅତିଥି ଭାବେ ଡା. ରାଜାରାମ ଷଡ଼ଙ୍ଗୀ, ଟେକ ଚାନ୍ଦ ପ୍ରଧାନ(ଯାଜକ କର୍ମୀ)ଯୋଗ ଦେଇଥିବା ବେଳେ ମଟଂ ପରିଚାଳନା କରିଥିଲେ ବିନୟ କୁମାର ଦାସ। ପ୍ରତାପ କୁମାର ସାହୁ, ଓ ମୁଖ୍ୟ ଆଲୋଚକ ଭାବେ ଭାଗ୍ୟବ୍ରତ ବାରିକ ଯୋଗଦେଇଥିଲେ। ବିନୟ କୁମାର ଦାସ,(ସହ ପ୍ରତି ଋତ୍ୱିକ) ସତସଙ୍ଗ ପରିଚାଳନା କରିଥିଲେ। ପଡିଆବାହାଲ ଅଚଂଳର ସତସଙ୍ଗୀ ଜିତେନ୍ଦ୍ର କୁମାର ସାହୁ (ଟିଙ୍କିନା), ବିଜୟ ମେହେର, ରବୀନ୍ଦ୍ର ସାହୁ, ଖିରୋଦ ମାଝୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଜାମେଶ୍ୱର ସତୁଆ ଓ ପ୍ରଦୀପ ବେହେରା ମଟଂ ପରିଚାଳନା କରିଥିଲେ।

ଯୁଯୁମୁରା ବ୍ଲକଠାରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,୧୭/୩(ନି.ପ୍ର): ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ) ଏବଂ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଜନ ଅଭିଯୋଗ ଶୁଣାଣି ଠାରେ ମୋଟ ୩୯ ଟି ଆବେଦନ ଗ୍ରହଣ କରାଯାଇଥିଲା ଯେଉଁଥିରୁ ୨୧ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୭ ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ଉକ୍ତ ଅଭିଯୋଗ ଶୁଣାଣୀ ଠାରେ ୧ ଟି ସମସ୍ୟା ର ସମାଧାନ କରାଯାଇଥିଲା। ରେଡକ୍ରସ ଅଧୀନରେ ୧ ଜଣ ବ୍ୟକ୍ତିଙ୍କୁ ୧୦, ୦୦୦ ଟଙ୍କା ସହାୟତା ରାଶି ବାବଦରେ ପ୍ରଦାନ କରାଗଲା।

ଜୟପୁରରେ ଉଗାଦି ପାଳନ ପାଇଁ ପ୍ରସ୍ତୁତି

ଜୟପୁର,୧୭/୩(ନି/ପ୍ର): ତେଲୁଗୁ ସାଂସ୍କୃତିକ ସମିତି ଜୟପୁରଙ୍କ ପକ୍ଷରୁ ଉଗାଦି ପାଳନ ଅବସରରେ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ପରିସରରେ ନୃତ୍ୟ ଅଡିଶନ୍ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମିତିର ଅଧକ୍ଷ ବିରେଶ ପଟ୍ଟନାୟକ କହିଥିଲେ ଯେ, ସହରର ବିଭିନ୍ନ ନୃତ୍ୟ ଏକାଡେମୀରୁ ଆସିଥିବା ଅଂଶଗ୍ରାହୀମାନଙ୍କ ମଧ୍ୟରୁ ତେଲୁଗୁ ସଙ୍ଗୀତ ଉପରେ ଆଧାରିତ ଏକକ, ଯୁଗଳ ଓ ଦଳଗତ ନୃତ୍ୟ ବିଭାଗରେ ସର୍ବୋତ୍କୃଷ୍ଟ ତିନୋଟି କରି ଦଳ ଚୟନ କରାଯାଇଛି। ଏହି ଦଳଗୁଡ଼ିକ ୧୯ ମାର୍ଚ୍ଚରେ ଆୟୋଜିତ ହେବାକୁଥିବା ଉଗାଦି ଉତ୍ସବରେ ନିଜର କଳା ପ୍ରଦର୍ଶନ କରିବେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କରପ୍ରାପ୍ତ ବିଜେତା ମାନଙ୍କୁ ଆର୍ଥିକ ପୁରସ୍କାର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯିବ। ରଙ୍ଗୋଲି ପ୍ରତିଯୋଗିତାରେ ମୋଟ ୧୫ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏଥିରେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର କ୍ରମଶଃ ତୁଳସୀ ନାୟକ ଓ ପି. ଉମାଙ୍କୁ ଦିଆଯାଇଥିଲା। ସେମାନଙ୍କୁ କ୍ରମଶଃ ୭୫୦ ଟଙ୍କା ଓ ୫୦୦ ଟଙ୍କା ନଗଦ ପୁରସ୍କାର, ଜୟପୁର ସିଟି ହାଇସ୍କୁଲର ସଭପତି ଶଶି ପଟ୍ଟନାୟକ, ସଭ୍ୟ ଏ. ଶ୍ରୀନିବାସ ରାଓ, ପି. ଶ୍ରୀନିବାସ ରାଜୁ, କେ. ରାମକୃଷ୍ଣ, ବି. ସତିଶ ସୁଧାକର ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ପ୍ରଥମ ପୁରସ୍କାର ବିଜେତା କେ. ବସୁନ୍ଧରାଙ୍କୁ ଉଗାଦି ଅବସରରେ ମଂଚରେ ୧୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ। ଶ୍ରୀ ପଟ୍ଟନାୟକ ଆହୁରି ସୂଚନା ଦେଇଥିଲେ ଯେ, କୋରାପୁଟ ଜିଲ୍ଲାପାଳ ଉଗାଦି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ସମ୍ମତି ଜଣାଇଛନ୍ତି। ଏହାସହ ମହେଶ୍ୱର ନାୟକ, ରେଜିଷ୍ଟ୍ରାର, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ମାର୍ଚ୍ଚ୧୯ ରେ ଜୁନିଅର ଓ ସିନିଅର ଶ୍ରେଣୀ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, ତେଲୁଗୁ ପାରମ୍ପରିକ ପୋଷାକ ପ୍ରଦର୍ଶନୀ ଓ ରନ୍ଧଣ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଏହା ସହ ମାର୍ଚ୍ଚ ୨୦ ତାରିଖରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋଫିସିଏନ୍ସି ପୁରସ୍କାର ଯଥା ଭାସ୍କର ସ୍ମୃତି ପୁରସ୍କାର, ମହେଶ ମେମୋରିଆଲ ପୁରସ୍କାର, ପୁଲିପାକା ସୂର୍ଯ୍ୟ ପ୍ରକାଶ ମେମୋରିଆଲ ପୁରସ୍କାର, ବାସବା ଲାଚାପୌଡୁ ମେମୋରିଆଲ ପୁରସ୍କାର ଓ ଷ୍ଟୁଡେଟଂ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବ। ବାର୍ଷିକ ଉତ୍ସବରେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଓ ଜୟପୁର ତହସିଲଦାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ।

ଅପ୍ରେଲ ୧ରୁ ଏସଆଇଆର ନିମନ୍ତେ ସୋନପୁର ନିର୍ବାଚନ ମଣ୍ଡଳୀରେ ପୂର୍ବ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ସୁବର୍ଣ୍ଣପୁର,୧୭/୩(ନି/ପ୍ର): ଆସନ୍ତା ଅପ୍ରେଲ ୧ ରୁ ଓଡିଶାରେ ଭୋଟର ତାଲିକାର ସାମ୍ଭାବ୍ୟସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ନିମନ୍ତେ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଭାବେ ପୂର୍ବ ପ୍ରସ୍ତୁତି ହୋଇଥିବା ଆଜି ଡଃ. ସୌମ୍ୟା ରୂପା ରଥ, ଓ. ପ୍ର. ସେ. ଉପ-ଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ଜଣାଇଛନ୍ତି। ଦୀର୍ଘ ଦୁଇରୁ ଅଢେଇ ମାସ ଧରି ଚାଲିବାକୁଥିବା ଏହି ପ୍ରକ୍ରିୟାରେ ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ନିୟମାବଳୀ ଅନୁସାରେ ଏସଆଇଆର କରାଯାଉଛି । ସଠିକ ଭୋଟର ତାଲିକା ତିଆରି କରିବା କ୍ଷେତ୍ରରେ ଏସଆଇଆର ଗୋଟିଏ ସୋପାନ । ୨୦୦୨ ପରେ ଦୀର୍ଘ ୨୩ ବର୍ଷ ମଧ୍ୟରେ ପୁଣିଥରେ ଏସଆଇଆର ହେବାକୁ ଯାଉଛି । ଏହି ଏସଆଇଆରରେ ୨୦୦୨ ମସିହା ଭୋଟର ତାଲିକା ସହ ୨୦୨୫ ଭୋଟର ତାଲିକାରୁ ମେଳ(ମ୍ୟାପିଂ) କରାଯିବ। ଯେଉଁ ଭୋଟର ମାନଙ୍କ ନିଜ ନାମ କିମ୍ବା ବାପା, ଜେଜେ ବାପାଙ୍କ ନାମ ୨୦୦୨ ଭୋଟର ତାଲିକାରେ ଥିବ ସେମାନଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡିବ ନାହିଁ । ଯେଉଁ ଭୋଟର ମାନଙ୍କ ନିଜ ନାମ କିମ୍ବା ବାପା, ଜେଜେ ବାପାଙ୍କ ନାମ ନ ଥିବ ସେମାନେ ନିର୍ବାଚନ କମିଶନଙ୍କ ନିୟମାନୁଯାୟୀ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରିବେ । ବର୍ତ୍ତମାନ ୬୫-ସୋନପୁର ନିର୍ବାଚନ ମଣ୍ଡଳୀରେ ମୋଟ ୨,୫୬,୭୮୧ ଜଣ ଭୋଟର ଥିବା ସ୍ଥଳେ ୨,୩୯,୨୧୫ ଜଣଙ୍କ ମ୍ୟାପିଂ ଅର୍ଥାତ ୯୩.୮୧ % ସରିଗଲାଣି ତଥା ମ୍ୟାପିଂ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ଏହାକୁ ୧୦୦

ତରାଣ୍ଡୋ ହାଇସ୍କୁଲରେ ୨୦୦୬ ବ୍ୟାଚର ବନ୍ଧୁମିଳନ

କେନ୍ଦ୍ରାପଡ଼ା,୧୭/୩(ନି/ପ୍ର): ସମୟ ବଦଳିଛି, ଚେହେରା ବଦଳିଛି, କିନ୍ତୁ ବଦଳିନି ସେହି ଅଭୁଲା ପିଲାଦିନର ସ୍ମୃତି ଓ ନିଷ୍କପଟ ବନ୍ଧୁତା। ଦୀର୍ଘ ୨୦ ବର୍ଷ ପରେ ତରାଣ୍ଡୋ ହାଇସ୍କୁଲର ଦଶମ ଶ୍ରେଣୀ ବ୍ୟାଚ୍ର ପୁରାତନ ଛାତ୍ରଛାତ୍ରୀମାନେ ପରସ୍ପରକୁ ଭେଟି ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ଅତିବାହିତ କରିଛନ୍ତି। ତ୍ରିଲୋଚନପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ବିଭିନ୍ନ ସ୍ଥାନରୁ ପୁରାତନ ସାଥୀମାନେ ଏକତ୍ରିତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ପରେ ପରସ୍ପରକୁ ପାଖରେ ପାଇ ସମସ୍ତେ କିଛି ସମୟ ପାଇଁ ସେହି ସ୍କୁଲ ଦିନର ସ୍ମୃତି ଭିତରକୁ ହଜିଯାଇଥିଲେ ।କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ: ସ୍ମୃତି ଚାରଣ: ସ୍କୁଲ ବେଳର ସେହି ଦୁଷ୍ଟାମି, ଖେଳପଡ଼ିଆର ମଜା ଏବଂ ଶିକ୍ଷକମାନଙ୍କ ଗାଳିକୁ ମନେ ପକାଇ ସମସ୍ତେ ହସଖୁସିରେ ମାତିଥିଲେ। ଆତ୍ମୀୟତା: ବ୍ୟକ୍ତିଗତ ଜୀବନ ଓ କର୍ମକ୍ଷେତ୍ରର ସଫଳତା ବାବଦରେ ଆଲୋଚନା କରିବା ସହ ପରସ୍ପରର ଭଲମନ୍ଦ ପଚାରି ବୁଝିଥିଲେ। ଶୁଭେଚ୍ଛା ଆଦାନପ୍ରଦାନ: ଦୀର୍ଘ ବର୍ଷ ପରେ ଏହି ସାକ୍ଷାତ ସମସ୍ତଙ୍କ ମନରେ ଏକ ନୂତନ ଉତ୍ସାହ ଭରିଦେଇଛି। ଏହି ଅବସରରେ ବନ୍ଧୁମାନେ ମିଳିତ ଭାବେ ଭୋଜି କରିବା ସହ ଆଗାମୀ ଦିନରେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସଂକଳ୍ପ ନେଇଥିଲେ। '୨୦ ବର୍ଷ ପରେ ବନ୍ଧୁମାନଙ୍କୁ ଭେଟିବା ଏକ ସ୍ୱପ୍ନ ପରି ଲାଗୁଛି ବୋଲି ଜଣେ ପୁରାତନ ଛାତ୍ର ପ୍ରକାଶ କରିଛନ୍ତି। 'ସ୍କୁଲ ଛାଡ଼ିବାର ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ସାଙ୍ଗମାନଙ୍କ ସହ ସେହି ଆତ୍ମୀୟତା ଆଜି ବି ଅତୁଟ ରହିଛି। ସାଙ୍ଗମାନେ ହେଲେ ମୋହନ ରାଉତ, ଦେବାଶିଷ ପରିଡା, ତପନ ରାଉତ, ମାନସ ପ୍ରଧାନ, ଜଗବନ୍ଧୁ ଜେନା, ଇତିଶ୍ରୀ ପ୍ରଧାନ, କଳ୍ପନା ରାଉତ, ବିଶ୍ୱଜିତ ପରିଡା, ଶ୍ରୀକାନ୍ତ ସେଠି, ସରିତା ପଣ୍ଡା, ଶଶୀରେଖା ନାୟକ, ସ୍ମୃତିରଞ୍ଜନ ଜେନା, ସୁଶ୍ରୀସଙ୍ଗୀତା ଜେନା , ସୁଜାତା କର , ସିନ୍ଧୁସଂଜୀବନୀ ସାମଲ, ଜ୍ଞାନ ପ୍ରକାଶ ସାମଲ, ସୌଜନ୍ୟ ପରିଡା, ଆଶିଷ ସାମଲ, ରାଜେନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ସାହୁ, ଜିତୁ ପାତ୍ର, ଶିବ ପାତ୍ର, ପାର୍ଥ ଦାସ ଜିତେନ୍ଦ୍ର ପରିଡା, ସୌମ୍ୟ ପରିଡା ଗଣେଶ ପରିଡା, ବିଭୁତି ବରାଳ, ସ୍ନିଗ୍ଧା ଲେଙ୍କା, ପ୍ରତିଭା ପରିଡା, ଗୋବିନ୍ଦ ମଲିକ, ରତ୍ନାମଞ୍ଜରୀ ନାୟକ, ରୁପାଲୀ ମହାନ୍ତି, ପ୍ରଭଞ୍ଜନ ପରିଡା, ପ୍ରଶାନ୍ତ ବାରିକ, ସନ୍ତୋଷ ବାରିକ, ନିରାକର ବାରିକ, ମନୋଜ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ରାଜ୍ୟସଭା ସଦସ୍ୟ ଭାବେ ସ୍ୱାଧିନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟୀ

ରାଜଧାନୀ ଭୁବନେଶ୍ୱର ସମେତ ରାଉରକେଲାରେ ଖୁସିର ଲହରୀ

ରାଉରକେଲା,୧୭/୩(ନି/ପ୍ର): ରାଜ୍ୟସଭା ନିର୍ବାଚନରେ ଓଡ଼ିଶାରୁ ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ବିଜେଡି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର, ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ଚତୁର୍ଥ ଆସନ ପାଇଁ ଲଢୁଥିବା ବିଜେଡି, କଂଗ୍ରେସ ଓ ସିପିଆଇ (ଏମ)ର ମିଳିତ ପ୍ରାର୍ଥୀ ଡାକ୍ତର ଦନେଶ୍ୱର ହୋତା ପରାଜିତ ହୋଇଛନ୍ତି। ମନମୋହନ ସାମଲ ଓ ସୁଜିତ କୁମାର ୩୫ ଖଣ୍ଡ ଲେଖାଏଁ ପ୍ରଥମ ପସନ୍ଦ ଭୋଟ ପାଇଥିବା ବେଳେ ତୃତୀୟ ଆସନରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ୩୧ ଖଣ୍ଡ ଭୋଟ ପାଇଛନ୍ତି। ଚତୁର୍ଥ ପ୍ରାର୍ଥୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଦିଲୀପ ରାୟ ଏବଂ ଡାକ୍ତର ହୋତାଙ୍କୁ ୨୩ ଖଣ୍ଡ ଲେଖାଏଁ ପ୍ରଥମ ପସନ୍ଦ ଭୋଟ ମିଳିଥିଲା ।ଉଭୟ ପ୍ରାର୍ଥୀଙ୍କ ପ୍ରଥମ ପସନ୍ଦ ଭୋଟ ସମାନ ଥିବାରୁ ସେମାନଙ୍କୁ ମିଳିଥିବା ଦ୍ୱିତୀୟ ପସନ୍ଦର ଭୋଟ ହିସାବକୁ ନେଇ ଦିଲ୍ଲୀପ ରାୟ ବିଜୟୀ ହୋଇଛନ୍ତି। ବହୁଚର୍ଚ୍ଚିତ ରାଜ୍ୟସଭା ନିର୍ବାଚନ ପାଇଁ ସୋମବାର ସକାଳ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଓଡିଶା ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଧାୟକମାନେ ମତଦାନ କରିଥିଲେ। ଏହାପରେ

ସନ୍ଧ୍ୟା ୬ଟାରୁ ଭୋଟ ଗଣନା ଆରମ୍ଭ ହୋଇ ଫଳାଫଳ ଘୋଷଣା କରାଯାଇଥିଲା। ଦିନତମାମ୍ ରାଜଧାନୀ ଭୁବନେଶ୍ୱରରେ ରାଜନୈତିକ ଉଷ୍ମତା ଲାଗି ରହିଥିଲା। ଶାସକ ଓ ବିରୋଧୀଙ୍କ ମଧ୍ୟରେ ବିଧାନସଭା ଠାରୁ ଆରମ୍ଭ କରି ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଛକାପଞ୍ଝା ଦେଖିବାକୁ ମିଳିଥିଲା। ମତଦାନ ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରଥମ ଭୋଟ ବିଧାନସଭାରେ ଦେଇଥ?ିବା ବେଳେ ଅପରାହ୍ନରେ ଅନ୍ତିମ ଭୋଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ଜଣାପଡିଛି। ପୂର୍ବାହ୍ନରେ ପାରାଦ୍ୱୀପରୁ ବିଜେପି ବିଧାୟକମାନେ ବସ୍ ଯୋଗେ ସିଧାସଳଖ ବିଧାନସଭା ପରିସରକୁ ଆସି ଏକାଠି ଧାଡ଼ିରେ ଛିଡ଼ା ହୋଇ ମତଦାନ କରିଥିଲେ। ବିଜେଡି ରଣନୀତି ଅନୁସାରେ ୫ ଜଣ ଲେଖାଏଁ ବିଧାୟକଙ୍କର ଗୋଟିଏ ଗୋଟିଏ ଦଳ ଆସି ମତାଧିକାର ସାବ୍ୟସ୍ତ କରିଥିଲେ। ଗୋଟିଏ ବିଧାୟକ ଦଳର ମତଦାନ ପରେ ଅନ୍ୟ ଗୋଟିଏ ଦଳ ନବୀନ ନିବାସରୁ ବିଧାନସଭା ଅଭିମୁଖେ ବାହାରୁ ଥିଲେ। ସୋମବାର ସକାଳ ୧୦ଟା ସୁଦ୍ଧା କଂଗ୍ରେସ ବିଧାୟକମାନେ ଭୋଟ ଦେବା ପାଇଁ ଆସିବା ଆରମ୍ଭ କରିଥିଲେ। ନିର୍ବାଚନରେ ବିଜେପି ପକ୍ଷରୁ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡି ତରଫରୁ ପ୍ରତାପ କେଶରୀ ଦେଓ ଏବଂ କଂଗ୍ରେସ ତରଫରୁ ଭକ୍ତ ଚରଣ ଦାସ ଦଳୀୟ ଏଜେଂଟ ରହିଥିଲେ। ବିଧାୟକ ଉପାସନା ମହାପାତ୍ରଙ୍କ ମତଦାନ ନେଇ ବିବାଦ ସୃଷ୍ଟି ହେବାରୁ ପ୍ରାୟ ଅଧଘଟାଂ ଧରି ମତଦାନ ପ୍ରକ୍ରିୟା ବନ୍ଦ ରହିଥିଲା। ପରେ ପୋଲିଂ ଅଧିକାରୀ ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟ ବାଲଟ ଦେବା ପରେ, ସେ ମତଦାନ କରିଥିଲେ। ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ପଛରେ ରହିଛି, ବିରୋଧୀ ବିଜେଡି ଏବଂ କଂଗ୍ରେସର ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ। କ୍ରସ୍ ଭୋଟିଂ ତାଲିକାରେ କଂଗ୍ରେସର ୩, ବିଜେଡିର ୬ ଏବଂ ବିଜେଡିରୁ ନିଲମ୍ବିତ ୨ ବିଧାୟକ ଅଛନ୍ତି । ସେମାନେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇଛନ୍ତି । କ୍ରସ୍ ଭୋଟିଂ ସୂଚନା ମିଳିବା ପରେ କଂଗ୍ରେସ ଏବଂ ବିଜେଡି ଶିବିରରେ ନିରାଶର ବାତାବରଣ ସୃଷ୍ଟି ହୋଇଛି। ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍)ର ମିଳିତ ପ୍ରାର୍ଥୀ ଡାକ୍ତର ଦନେଶ୍ୱର ହୋତାଙ୍କ ପାଇଁ କଂଗ୍ରେସ ଏବଂ ବିଜେଡିର ସମସ୍ତ ପ୍ରକାର ରଣନୀତି ବିଫଳ ହୋଇଛି। ସୋମବାର ଭୋଟ ପ୍ରକ୍ରିୟା ଯେତିକି ଆଗକୁ ବଢୁଥିଲା କ୍ରସ୍ ଭୋଟିଂ ନେଇ ସେତିକି ରୋଚକ ଦୃଶ୍ୟ ଦେଖିବାକୁ ମିଳୁଥିଲା। ବିଜେଡିରୁ ନିଲମ୍ବିତ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଏବଂ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ରାୟଙ୍କୁ ଭୋଟ ଦେଇଥିଲେ। ବିଜେଡିର ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀଗଞ୍ଜନ ତ୍ରିପାଠୀ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ବସ୍ତା ବିଧାୟିକା ସୁବାସିନୀ ଜେନା, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଏବଂ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ କ୍ରସ୍ ଭୋଟିଂ କରିଛନ୍ତି। କଂଗ୍ରେସର ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଏବଂ କଟକ ବିଧାୟିକା ସୋଫିଆ ଫିରଦୋସ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିଲେ। ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧିନ ପ୍ରାର୍ଥୀ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଜୟୀ ହେଲା ପରେ ଭୁବନେଶ୍ୱର ସମେତ ରାଉରକେଲାରେ ଖୁସିର ବାତାବରଣ ଖେଳିଯାଇଛି। ରାଉରକେଲା ସହରରେ ଦିଲ୍ଲୀପ ରାୟଙ୍କ ସମର୍ଥକମାନେ ବାଣ ଫୁଟାଇବା ସହିତ ପରସ୍ପରକୁ ମିଠା ଖୁଆଇ ବିଜୟ ଉତ୍ସବକୁ ପାଳନ କରାଯାଇଛି। ଏହି ବିଜୟକୁ ନେଇ ରାଉରକେଲାରେ ସମସ୍ତଙ୍କ ମଧ୍ୟରେ ଉତ୍ସାହର ବାତାବରଣ ଖେଳିଯାଇଛି।

ବଡ଼ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୧୭/୩(ନି.ପ୍ର): ବଡ଼ଗାଁ ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୮୧ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୪ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗଗୁଡ଼ିକ ମଧ୍ୟରୁ ୧୩ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ଟି ଆବେଦନ ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୩ଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରତିବିମ୍ବ ନାଟ୍ୟ ସଂଗମ ୨୦୨୬ ଆରମ୍ଭ

ରାଉରକେଲା,୧୭/୩: ପ୍ରତିବିମ୍ବ ନାଟ୍ୟ ସଂଗମ ୨୦୨୬ର ପ୍ରଥମ ସନ୍ଧ୍ୟାରେ ପ୍ରତିବିମ୍ବ ଅନୁଷ୍ଠାନର ପ୍ରଭାକର ପାତ୍ର ରଚିତ ଓ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶନାରେ ନାଟକ ହେଲୋ ନିଲେଶ ମଂଚସ୍ଥ ହୋଇଯାଇଛି। ସିଭିକ ସେଂଟର୍ ଠାରେ ଆୟୋଜିତ ଏହି ନାଟ୍ୟ କାର୍ଯ୍ୟକ୍ରମରେ ଝିଲିମା ମହାନ୍ତିଙ୍କ ମଂଚ ସଂଯୋଜନାରେ ଅତିଥି ଭାବେ ଆରଏସପିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକ୍ଷକ ପ୍ରମୋଦ କୁମାର ସାହୁ,ନାଟ୍ୟକାର ପ୍ରଫେସର ଡ ସମର ମୁଦାଲି , ଆରଏସପିର ବରିଷ୍ଠ ଅଧିକାରୀ ରାଜକିଶୋର ଧାରୁଆ, ଚଳଚ୍ଚିତ୍ର ପ୍ରଯୋଜକ ସଲିଳ ବୋଷ , ଜିଏନ୍ ଆଗ୍ରୋଭେଟ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲ୍ଲୀପ ରାଉଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ସୋମନାଥ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ହେଲୋ ନିଲେଶ ନାଟକର ମୁଖ୍ୟ ବିଷୟବସ୍ତୁ ହେଲା ପ୍ରତ୍ୟେକ ସମ୍ପର୍କର ମୂଳମନ୍ତ୍ର ହେଲା ବିଶ୍ୱାସ ଆଉ ଭରସା। ଯାହା ପାଇବା ପାଇଁ ହେଲେ ସାରା ଜୀବନ କମ୍ ପଡ଼ିଯାଏ, କିନ୍ତୁ ହରେଇବା ପାଇଁ ଗୋଟିଏ ମୁହୂର୍ତ୍ତ ଲାଗେ । ଭଲ ପାଇବା ର ମୁଦ୍ରାରେ ଦୁଇଟି ପାର୍ଶ୍ୱ,ଗୋଟିଏ ବିଶ୍ୱାସ , ଏବଂ ଅନ୍ୟଟି ସନ୍ଦେହ । ବିଶ୍ୱାସରେ ହିଁ ଭଲ ପାଇବାର ରଙ୍ଗ ଗାଢ଼ ହେଇଥାଏ ! ଆଉ ଜୀବନର ଥରେ ସନ୍ଦେହର ନିଆଁ ଲାଗିଗଲେ ସବୁ ହସ ଖୁସି ସ୍ୱପ୍ନକୁ ଜାଳି ପୋଡ଼ି ପାଉଁଶ କରିଦେଇଥାଏ । ଗୋଟେ ମିଛ ନାଟକ ଯେ ବେଳେ ବେଳେ ଜୀବନରେ ଏତେ ଭୟଙ୍କର ରୂପ ନେଇ ପାରେ, ଏହାକୁ ନେଇ ଗତିଶୀଳ ହୋଇଛି

ଦ୍ୱିଦିବସୀୟ ଓଡିଶୀ ସଂଗୀତ ମହୋତ୍ସବ ୨୦୨୬ ସମ୍ପନ୍ନ

ରାଉରକେଲା,୧୭/୩(ନି/ପ୍ର): ଜଗଦା ସ୍ଥିତ ଜୟଦେବ କଳା ବିକାଶ କେନ୍ଦ୍ର ଆନୁକୁଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ସହଯୋଗରେ ସ୍ଥାନୀୟ ସିଭିକ ସେଂଟର୍ ଠାରେ ଦୁଇଦିନିଆ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦଯାପିତ ହୋଇଯାଇଛି। ନରେନ ଦାସଙ୍କ ସଭାପତିତ୍ୱରେ ଉଦ୍ଘାଟନୀ ଦିବସରେ ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଡ. କଲ୍ୟାଣୀ ମିଶ୍ର, ଆର ଏସ ପି ମୁଖ୍ୟ ମହାପ୍ରବନ୍ଧକ ଏସ୍ ଏସ୍ ରାଏଚୌଧୁରୀ, ମହାପ୍ରବନ୍ଧକ ଅବକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ଆକାଶବାଣୀ ଓ ଦୂରଦର୍ଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ.

ଶାନ୍ତନୁ କୁମାର ରଥ, ରାଉରକେଲା କଲେଜର ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଓ ଆର୍ ଏସ ପି ମୁଖ୍ୟ ପ୍ରବନ୍ଧକ ପି କେ ସାହୁ ଯୋଗ ଦେଇ ଓଡ଼ିଆ ସଂସ୍କୃତି ର ଆଧାର ଓଡ଼ିଶୀ ସଙ୍ଗୀତର ପ୍ରସାର ପ୍ରଚାର ଓ ସୁରକ୍ଷା ପାଇଁ ଏହା ଏକ ସଫଳ ପ୍ରୟାସ ବୋଲି ମତପୋଷଣ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ ରାଉରକେଲାର ସମସ୍ତ ଗୁରୁଙ୍କୁ ଗୋଟିଏ ମଂଚରେ ସ୍ଥାନ ଦେବା ସହ ନୂତନ ପିଢ଼ିର ଛାତ୍ର ଛାତ୍ରୀଙ୍କୁ ସୁଯୋଗ ଓ ଉତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଝିଲିମା ମହାନ୍ତି ଓ ସାଂସ୍କୃତିକ ସମ୍ପାଦକ ଡା. ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡ଼ା. ଉନ୍ନମ ଚରଣ ଜେନାଙ୍କୁ ଜୟଦେବ ସ୍ୱାସ୍ଥ୍ୟ ସେବା ସମ୍ମାନ, ଗୁରୁ ବୀଣାପାଣି ରଥଙ୍କୁ ଜୟଦେବ ସଙ୍ଗୀତକଳା ସମ୍ମାନ, ସୁଶ୍ରୀ ବର୍ଷାରାଣୀ ପଣ୍ଡାଙ୍କୁ ଜୟଦେବ ନୃତ୍ୟକଳା ସମ୍ମାନ,ଦିବ୍ୟାଙ୍ଗ କ୍ରୀଡାବିତ୍ ବିଦ୍ୟାଧର ବେହେରାଙ୍କୁ ଜୟଦେବ କ୍ରୀଡା ସମ୍ମାନ, କ୍ଲିନ୍ ଆଣ୍ଡ ଗ୍ରୀନ, ମାଣିକ ଓ ଏକତା ଗ୍ରୁପ୍ ଅନୁଷ୍ଠାନକୁ ଜୟଦେବ ସମାଜ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍ଘାଟନୀ ଦିବସରେ ଓଡିଶୀ ସଙ୍ଗୀତ ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଓ କଳାକାର ମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ତବଲା ବାଦନ ପରିବେଷଣ କରାଯାଇଥିଲା। ସେହିପରି ଉଦଯାପନୀ ଦିବସରେ ଓଡିଶୀ ସଙ୍ଗୀତର ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା।ଏହି ଆଲୋଚନା ଚକ୍ରରେ ଡ. ଶାନ୍ତନୁ କୁମାର ରଥ,ଡ. ନିମକାନ୍ତ ରାଉତରାୟ, ଗୁରୁଶ୍ରୀ ସଚ୍ଚିଦାନନ୍ଦ ଦାସ, ପଣ୍ଡିତ ରଘୁନାଥ ପାତ୍ର, ସୁଶ୍ରୀ ବର୍ଷାରାଣୀ ପଣ୍ଡା, ଡ. ସୁଶାନ୍ତ କୁମାର ପାଣି, ପ୍ରଫୁଲ୍ଲ ମଙ୍ଗଳ, ବୀଣାପାଣି ରଥ, ଆଶାଲତା ଷଡ଼ଙ୍ଗୀ, ଆଦି ଅନେକ ସଙ୍ଗୀତ ଗୁରୁ, ରାଉରକେଲାର ବିଜ୍ଞ ବ୍ୟକ୍ତିତ୍ୱ ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଆର୍ ଏସ ପି ମହାପ୍ରବନ୍ଧକ ପ୍ରମୋଦ କୁମାର ସାହୁ ଯୋଗ ଦେଇ ଓଡ଼ିଶୀ ସଙ୍ଗୀତ ଆମ ଜାତିର ସଂସ୍କୃତି ଓ ଅସ୍ମିତା ର ପରିଚୟ ବୋଲି କହିଥିଲେ। ଡ. ଶାନ୍ତନୁ କୁମାର ରଥ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଡ. ନିମାକାନ୍ତ ରାଉତରାୟ, ପଣ୍ଡିତ ରଘୁନାଥ ପାତ୍ର ଓଡ଼ିଶୀ ସଙ୍ଗୀତର ମହତ୍ୱ ଓ ଜଗନ୍ନାଥ ସଂସ୍କୃତି ଆଧାରିତ ବୋଲି ମତ ପ୍ରକାଶ କରିଥିଲେ। ସୁଶ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ବିଜୟଲକ୍ଷ୍ମୀ ରାଉତରାୟ,ପ୍ରୀତିନନ୍ଦା ପରିଡ଼ା, ସୌମ୍ୟ ରଂଜନ ଗାହାଣ, ସୌ।ମ୍ୟକାନ୍ତ ମଲ୍ଲିକ ଓ ରାଉରକେଲାର ସୁନାମ ଧନ୍ୟ ଗୁରୁ ଓ ଛାତ୍ରଛାତ୍ରୀମାନେ ଓଡ଼ିଶୀ ସଙ୍ଗୀତ, ଛାନ୍ଦ, ଚମ୍ପୁ, ଗୀତଗୋବିନ୍ଦ ଆଦି ପରିବେଷଣ କରିଥିଲେ।

ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର

ରାଉରକେଲା,୧୭/୩(ନି/ପ୍ର): ସୁନ୍ଦରଗଡ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ଛେଣ୍ଡସ୍ଥିତ ପାଠାଗାର ପରିସରରେ ଅନୁଷ୍ଠିତ ହେଇଯାଇଛି । ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ବିଜୟ କୁମାର ବରାଳଙ୍କ ସଂଯୋଜନରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ସମାଜସେବୀ ମୀନତି ଦେବତା ଯୋଗଦାନ କରି କହିଲେ ପୁରୁଷ କେବେ ନାରୀର ଶତ୍ରୁ ନୁହେଁ । ନାରୀ ସକଳ ସୃଷ୍ଟିର ବିଭବ,ଆଜି ସମାଜର ପ୍ରତ୍ୟେକ କ୍ଷେତ୍ରରେ ନାରୀ ତା'ର ବିଜୟର ପଦଚିହ୍ନ ଛାଡି ଯାଉଛି । ଇତିହାସରୁ ଆରମ୍ଭ କରି ବର୍ତ୍ତମାନ ସମାଜରେ ଯାହା ବି ବିକାଶ ହେଉଛି ବା

ଭବିଷ୍ୟତରେ ହେବ କେବଳ ପୁରୁଷ ଦ୍ୱାରା ସମ୍ଭବ ହେବନି ,ପ୍ରତିଟି କ୍ଷେତ୍ରରେ ପୁରୁଷ ନାରୀ ହାତର ସାହାଯ୍ୟ ଲୋଡିଛି ଆଉ ଚିରକାଳ ଲୋଡୁଥିବ ମଧ୍ୟ ।ଅନ୍ୟତମ ବକ୍ତା ଡା.ଗୀତାଞ୍ଜଳି ପତ୍ରୀ କହିଲେ ନାରୀ ଯେମିତି ଗୋଟେ ପରିବାରକୁ ନିଜର ସ୍ନେହ ଶ୍ରଦ୍ଧା ବଳରେ ବାନ୍ଧିରଖି ସର୍ବଦା ପରିବାରରେ ବିକାଶ ଆଣିଥାଏ ଠିକ୍ ସେମିତି ସମାଜକୁ ଯଦି ନିଜର ସ୍ନେହ ଶ୍ରଦ୍ଧା ବଳରେ ବାନ୍ଧିରଖି ପାରନ୍ତା ସମାଜରେ ଦ୍ରୁତ ବିକାଶ ହୁଅନ୍ତା । ମୁଖ୍ୟଅତିଥି ଭାବେ ନୃସିଂହ ଚରଣ ବିଶ୍ୱାଳ କହିଲେ ଜଳ ସ୍ଥଳ ଓ ଆକାଶ କ୍ଷେତ୍ରରେ ନାରୀ ଆଜି ପୁରୁଷର ସମକକ୍ଷ ହେଇ ପାରିଛି , ନାରୀ ବିନା ସମାଜର ବିକାଶ ଆଜି ଅସମ୍ଭବ । ପ୍ରାରମ୍ଭରେ କବି ସୁଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଉପେନ୍ଦ୍ର କୁମାର ବସ୍ତିଆ ଓ ଜ୍ଞାନ ରଂଜନ ମିଶ୍ର ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରରେ ମଞ୍ଜୁଳା କୁମାରୀ ରଥ ସଭାପତିତ୍ୱ ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବି ପରେଶ ବିଶ୍ୱାଳ,ପ୍ରତାପ ପଣ୍ଡା,ଅଜୟ କୁମାର ମହାନ୍ତି,ନିରୁପମା ନାୟକ,ପ୍ରଫୁଲ୍ଲ ସାମଲ,ବଳରାମ ଦାଶ,ନିକୁଞ୍ଜ ବିହାରୀ ଦାଶ,ଦିବାକର ଦାଶ, ସ୍ନେହଲତା ପଟ୍ଟନାୟକ, ବ୍ରହ୍ମାନନ୍ଦ ପାଢି,ସୁନିଲ ମହାନ୍ତି ପ୍ରମୁଖ କବିମାନେ କବିତା ପାଠ କରିଥିଲେ । ଶେଷରେ ଡ.ପ୍ରଭାକର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ପଣ୍ଡା,ରାଖାଲ ମହାନ୍ତି,ଅଶୋକ ଶୁକ୍ଳ,ସଂଯୁକ୍ତା କର,ଆଶାଲତା ରାଉତ,ରେଖାଶ୍ରୀ ସାହୁ,ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବ୍ୟସାୟିକ ନିର୍ଧାରଣ ମଞ୍ଜୁରୀ ପାଇଁ ଗ୍ରାମସଭା ଅନୁଷ୍ଠିତ

ରାଜଗାଙ୍ଗପୁର,୧୭/୩ (ନି/ପ୍ର) ଓଡିଶା ପଚାଂୟତ ୧୯୬୪ଧାରା ୫୫/(୧)ଅନୁଯାଇ ଗ୍ରାମପଚାଂୟତ ଆଇନ ଧାରା ପ୍ରତି ସଂଖ୍ୟା ୭୫ ତାରିଖ ୧୧/୨/୨୬ ରେ କୁରୁମୁର ପଚାଂୟତର ଲମଲୋଇ ସ୍ଥିତ ଓସିଏଲ ଆଇରନ ଏଣ୍ଡ ଷ୍ଟିଲ ଲିମିଟେଡ଼ ର ବ୍ୟବସାୟୀକ ଶୁଳ୍କ ନିର୍ଦ୍ଧାରିତ କରାଯିବା ପାଇଁ ୧୬/୩/୨୬ ରେ ସ୍ୱତନ୍ତ୍ର ଗ୍ରାମ ସଭା ରେ ମତାମତ ନେବା ପାଇଁ କୁନମୁରୁ ପଚାଂୟତର ସରପଚଂ ଆରତୀ ଟପ୍ପୋ ସର୍ବ ସାଧାରଣ ଏବଂ କାରଖାନାର କୃତପକ୍ଷଙ୍କୁ ଅବଗତ ନିମନ୍ତେ ଗ୍ରାମ ପଚାଂୟତ ଅଫିସ ପରିସରରେ ଉପସ୍ଥିତ ପାଇଁ ନୋଟିସ ଜାହିର କରିଥିଲେ। ନୋଟିସ ର ନିର୍ଦ୍ଧାରିତ ସମୟ ଏବଂ ତାରିଖରେ କୁରୁମୁର ପଚାଂୟତ ପରିସର ରେ ରାଜଗାଙ୍ଗପୁର ବ୍ଲକ ଗୋଷ୍ଠି ଉନୟନ ଅଧିକାରୀ ଅକ୍ଷୟ କୁମାର ବାଗଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ କରା ଯାଇଥିଲା ।ପୂର୍ବତନ ସରପଚଂ ସରପଚଂ ବସନ୍ତ କୁମାର ଟପ୍ପୋ ଶୁଶିଲା ଟପ୍ପୋ ଗ୍ରାମ ପଚାଂୟତ ର ୱାର୍ଡ କାଉନସିଲର ଏବଂ ପଚାଂୟତର ବହୁତ ଜନସାଧାରଣ ଉପସ୍ଥିତ ରେ ଓ ଆଇ ଏସଏଲ କାରଖାନାର ମାନବ ସମ୍ବଳ ମୁଖ୍ୟ ପରିଚାଳକ ରାଜୀବ କୁମାର ଏବଂ ପ୍ରବୀଣ ସିଙ୍ଗ ଉପସ୍ଥିତ ରହି କମ୍ପାନୀ ର ସ୍ଥିତି ଉପରେ ମତାମତ ଦେଇ ବନ୍ଦ କାରଖାନା କୁ ଚାଲୁ କରିବା ପାଇଁ କଠିନତା ପରିବେଶ ସନ୍ତୁଳନ ପାରିପାର୍ଶ୍ୱିକ କାର୍ଯ୍ୟକ୍ରମ ଅଂଚଳର ବିକାଶ ଉପରେ ବିଶେଷ ଧ୍ୟାନ ଦେଇ ଆସୁଅଛୁ ଆଗକୁ କାରଖାନାର ପାରିପାର୍ଶ୍ୱିକ ଗ୍ରାମ ଗୁଡିକ ର ବିକାଶ ମୂଳକ କାର୍ଯ୍ୟକ୍ରମ କମ୍ପାନୀ କୃତପକ୍ଷ ବିଶେଷ ଧ୍ୟାନ ଦେଇଛନ୍ତି ବୋଲି କମ୍ପାନୀ ର ମୁଖ୍ୟ ପରିଚାଳକ ରାଜୀବ କୁମାର ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଜନ ସାଧାରଣ ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟବସାୟିକ ଶୁଳ୍କ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ ।

ସେଲ୍,ରାଉରକେଲା ଇସ୍ପାତ କାରଖାନାରେ ସ୍ୱଚ୍ଛତା ପାକ୍ଷିକ ପାଳନ

ରାଉରକେଲା,୧୭/୩(ନି/ପ୍ର) :ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ମାର୍ଚ୍ଚ ୧୬ ତାରିଖରୁ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ ହୋଇଛି। ଏହି ଅବସରରେ ଆସନ୍ତା ପନ୍ଦର ଦିନ ବ୍ୟାପୀ କାରଖାନା ଏବଂ ଟାଉନସିପ୍ ?ରେ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ଯାହା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମାର୍ଚ୍ଚ ୧୬ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସମାଧାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଅନୁରୂପ ଉତ୍ସବରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ସିଜିଏମ ଶ୍ରୀ ମାନସ ରଞ୍ଜନ ରଥଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥ ପାଠ

କରାଇଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମାନ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସେହିପରି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ସମାରୋହର ନେତୃତ୍ୱ ନେଇ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ପୂର୍ବରୁ, ସହର ସେବା ବିଭାଗରେ ସମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଠାରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି. ଜି. କାନେକର ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଅବସରରେ କାରଖାନାର ବିଭିନ୍ନ ବିଭାଗରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଠାରେ ସିଜିଏମ୍ ଏବଂ ବିଭାଗୀୟ ମୁଖ୍ୟମାନେ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ।